بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
# ବଦର
Weekly BADAR Qadian Odia
କାଦିଆନ

ସଂଖ୍ୟା: 41
ବାର୍ଷିକ ଦେୟ : 600/-

16 ରବିଉସ୍ ସାନି 1447 ହି.କ, 16 ଇଖା 1404 ହି.ଶ, 09 October 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

اِنَّاۤ اَنۡزَلۡنَاۤ اِلَیۡکَ الۡکِتٰبَ بِالۡحَقِّ فَاعۡبُدِ اللّٰہَ مُخۡلِصًا لَّہُ الدِّیۡنَ ؕ﴿۳﴾

(ଅଜ୍ ଜୁମର୍: 03)

**ଅନୁବାଦ:** ଆମ୍ଭେ ଏହି ଗ୍ରନ୍ଥକୁ ତୁମ୍ଭ ପ୍ରତି ସଂପୂର୍ଣ୍ଣ ସତ୍ୟ ସମ୍ବଳିତ କରି ଅବତୀର୍ଣ୍ଣ କରିଅଛୁ । ସୁତରାଂ ଧର୍ମରେ ଅକୃତ୍ରିମ ନିଷ୍ଠା ରଖି ଅଲ୍ଲାଃତାଲାଙ୍କର ଉପାସନା କର ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଯଦି କୌଣସି ବସ୍ତୁ ତଳେ ପଡ଼ିଥିବାର ମିଳେ ।

ହ. ଜୈଦ୍ ବିନ୍ ଖାଲିଦ୍ ଜୁହନୀ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ପାଖକୁ ଆସିଲା ଏବଂ ସେ ଆପଣ ସ.ଅଙ୍କୁ ପତିତ (ତଳେ ପଡ଼ିଥିବା) ବସ୍ତୁ ସଂପର୍କରେ ପଚାରିଲା। ଆପଣ ସ.ଅ କହିଲେ, ବତ୍ସ ! ସେହି ବସ୍ତୁର ମୁଣି ଏବଂ ତା'ର ବନ୍ଧା ହୋଇଥିବା ଫିତାକୁ ଚିହ୍ନି ରଖ। ପୁନଶ୍ଚ ଏକ ବର୍ଷ ପର୍ଯ୍ୟନ୍ତ ଏହି ବସ୍ତୁ ସଂପର୍କରେ ଘୋଷଣା କରୁଥାଏ । ଯଦି ସେହି ବସ୍ତୁ ଅର୍ଥାତ୍ ମୁଣିର ମାଲିକ ଯଦି ଆସିଯାଏ ତାହାହେଲେ ଭଲ କଥା, ଅନ୍ୟଥା ତୁମେ ଯେପରି ଚାହିଁବି ସେହିପରି ସେହି ମୁଣି ତଥା ମୁଣିର ଥିବା ଟଙ୍କା ପଇସା, ବସ୍ତୁ ଆଦିକୁ ବ୍ୟବହାର କରି ପାରିବ । ସେହି ବ୍ୟକ୍ତି କହିଲା, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ହଜି ଯାଇଥିବା ଛେଳୀ ସଂକ୍ରାନ୍ତରେ ଆପଣ ସ.ଅଙ୍କ କ'ଣ ମତାମତ ରହିଛି ? ଆପଣ ସ.ଅ କହିଲେ, ସେହି ଛେଳୀ ତୁମ ନିମନ୍ତେ ଅବା ତୁମ ଭାଇ ନିମନ୍ତେ ଉଦ୍ଦିଷ୍ଟ ଅଟେ (ଅର୍ଥାତ୍ ଛେଳୀ ତୁମର ଅଟେ) କିମ୍ବା ସେହି ଛେଳୀ ହେଟାବାଘ ଓ ବିଲୁଆ ନିମନ୍ତେ ଉଦ୍ଦିଷ୍ଟ ଅଟେ । ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଉ ଯଦି ମୋତେ ହଜି ଯାଇଥିବା ଓଟ ମିଳେ ତେବେ ତତ୍‌ସଂକ୍ରାନ୍ତରେ ଆପଣ ସ.ଅଙ୍କର କ'ଣ ମତାମତ ରହିଛି ? ଆପଣ ସ.ଅ କହିଲେ, ବତ୍ସ ! ତୁମର ଓଟ ସହିତ କି ସଂପର୍କ ରହିଛି? ଓଟ ସହିତ ତା'ର ଜଳ ଥଳୀ ମଧ୍ୟ ରହିଛି ଏବଂ ଓଟର ପାଦ ମଧ୍ୟ ରହିଛି । ଉକ୍ତ ଜଳ ଥଳୀରୁ ସେ ଜଳ ପାନ କରି ନେଇଥାଏ ଓ ଗଛରୁ ଖାଇ ନେଇଥାଏ । ଏପର୍ଯ୍ୟନ୍ତକି ଓଟର ମାଲିକ ନିଜ ଓଟର ସନ୍ଧାନ ପାଇ ନେଇଥାଏ । **"(ସହିହୁଲ୍ ବୁଖାରୀ, ଭାଗ-4, କିତାବୁଲ୍ ଇଣ୍ତିକ୍ରାକ୍, ପ୍ରକାଶନ ବର୍ଷ-2008 ମସିହା, କାଦିୟାନ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତିବାଣୀ

### ଯେଉଁ ଲୋକମାନେ ଈଶ୍ୱରଙ୍କ ପ୍ରିୟ ହୋଇଥାଆନ୍ତି ସେହି ଲୋକମାନଙ୍କୁ ଈଶ୍ୱରଙ୍କ ପକ୍ଷରୁ ଅବଶ୍ୟ କଷ୍ଟ ଏବଂ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

**ପରୀକ୍ଷା:** ଯେଉଁ ଲୋକମାନେ ଈଶ୍ୱରଙ୍କ ପ୍ରିୟ ହୋଇଥାଆନ୍ତି ସେହି ଲୋକମାନଙ୍କୁ ଈଶ୍ୱରଙ୍କ ପକ୍ଷରୁ ଅବଶ୍ୟ କଷ୍ଟ ଏବଂ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଉକ୍ତ ବିଷୟ ବସ୍ତୁର ଚର୍ଚ୍ଚା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଜଣେ ବ୍ୟକ୍ତି ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ନିକଟକୁ ଆସିଲା ଏବଂ ନିଜର କନ୍ୟାକୁ ଆଁହଜରତ୍ ସ.ଅଙ୍କ ସହିତ ନିକାହ୍ (ବିବାହ) କରାଇବା ନିମନ୍ତେ ଅନୁରୋଧ କଲା ଏବଂ ନିଜର କନ୍ୟାର ପ୍ରଶଂସା ଆଁହଜରତ ସ.ଅଙ୍କ ସମ୍ମୁଖରେ କଲା । ସେହିପରି ସେହି ବ୍ୟକ୍ତି ଜଣକ ଆଉ ଗୋଟେ କଥା ଆଁହଜରତ ସ.ଅଙ୍କୁ ଏହା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ବୟସ ଅଧିକ ହୋଇଯାଇଛି ଏବଂ ମୁଁ ବହୁତ ବୃଦ୍ଧ ହୋଇଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ମୋତେ କୌଣସି ରୋଗ ହୋଇ ନାହିଁ । ଆଁହଜରତ୍ ସ.ଅ କହିଲେ, ଯେଉଁ ଲୋକମାନେ ଈଶ୍ୱରଙ୍କ ପ୍ରିୟ ହୋଇଥାଆନ୍ତି ସେହି ଲୋକମାନଙ୍କୁ ଈଶ୍ୱରଙ୍କ ପକ୍ଷରୁ ଅବଶ୍ୟ କଷ୍ଟ ଏବଂ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।"

ଜମାଅତର ସଦସ୍ୟବୃନ୍ଦଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ବିରୋଧୀମାନଙ୍କ ପକ୍ଷରୁ ବହୁତ ନିର୍ଯାତନା ଦିଆଯାଉଥିଲା। ତେଣୁ ସେହି ବ୍ୟକ୍ତି ନିଜର ଅବସ୍ଥା ସଂପର୍କରେ ଆପଣ ଅ.ସଙ୍କୁ କହିଲା । ଆପଣ ଅ.ସ ସେହି ବ୍ୟକ୍ତିକୁ କହିଲେ, ମହୋଦୟ! ଆପଣ ବହୁତ ଦୁଃଖ କଷ୍ଟ ସହ୍ୟ କଲେଣି । ଉକ୍ତ କଥାଟି ଆପଣଙ୍କ ନିମନ୍ତେ ପ୍ରଶଂସାଯୋଗ୍ୟ ଅଟେ । ଆପଣ ଯେଭଳି ବିପତ୍ତି ଓ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଠିକ୍ ସେହିଭଳି ଆପଣଙ୍କ ଉପରେ ପ୍ରଭୁ ନିଜର କୃପାବତୀର୍ଣ୍ଣ ପୂର୍ବକ ପୁରସ୍କାର ଅବତୀର୍ଣ୍ଣ ମଧ୍ୟ କରିବେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି: اِنَّ مَعَ الۡعُسۡرِ یُسۡرًا **(ଅଲମ୍ ନଶ୍ରାହ୍:7)**

**ବିରୋଧୀମାନଙ୍କ ପ୍ରତି ଆଚରଣ:** କେତେକ ବିରୋଧୀମାନେ ମୋର ବନ୍ଧୁମାନଙ୍କ ପ୍ରତି କଠୋର ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି ଏବଂ ସେମାନଙ୍କୁ ଦୁଃଖ କଷ୍ଟ ଦେଇଥାଆନ୍ତି । ଏଥି ସଂକ୍ରାନ୍ତରେ ଆପଣ ଅ.ସ ନିଜର ବନ୍ଧୁମାନଙ୍କ ପ୍ରତି ବିନମ୍ରତା, କ୍ଷମାଚରଣ ପ୍ରଦର୍ଶନ କରିବା ଏବଂ ଉପଦ୍ରବରୁ ବର୍ତ୍ତିହା ନିମନ୍ତେ ଉପଦେଶ ଦେଇ କୁହନ୍ତି:"ବିରୋଧୀମାନଙ୍କ ବିପକ୍ଷରେ ଭାବାବେଗମୂଳକ ଉତ୍ସାହ ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ବିଶେଷ କରି ଯେଉଁମାନେ ଯୁବବର୍ଗ ରହିଛନ୍ତି ସେମାନଙ୍କୁ ମୁଁ ଉପରୋକ୍ତ ଉପଦେଶ ଦେଉଛି । ତେଣୁ ତୁମେମାନେ ମୋ ନିକଟକୁ ଶୀଘ୍ର ଶୀଘ୍ର ଆସ । ଏକଥା ଜଣା ନାହିଁ ଯେ, ତୁମେମାନେ ମୋ ପରେ ଏହି ସଂସାରରେ କେତେ ଦିନ ଜୀବନ ଯାପନ କରିବ ଅର୍ଥାତ୍ ଜୀବିତ ରହିବ ? ସାଧୁ ବ୍ୟକ୍ତିଙ୍କ ପାଖରେ ରହିବା ଦ୍ୱାରା ଲାଭ ହିଁ ହୋଇଥାଏ । ମନୁଷ୍ୟ ଯଦି ଈଶ୍ୱରଙ୍କ ସମ୍ମୁଖରେ ରହିଥାଏ ତେବେ ଈଶ୍ୱର ତା'ର ସମସ୍ତ ଦୋଷ ଦୁର୍ବଳତା ଏବଂ ଗୁଣ ଓ ଅବଗୁଣ ସଂପର୍କରେ ଅବଗତ ଥାଆନ୍ତି । କିନ୍ତୁ ମନୁଷ୍ୟ ଯେତେବେଳେ ସାଧୁ, ଉପଦେଷ୍ଟା ଏବଂ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ପାଖରେ ରହିବା ଦ୍ୱାରା ମନୁଷ୍ୟ ଅନେକ ଭଲ କଥା ଉପଲବ୍ଧି କରି ନେଇଥାଏ (ଦେଖି ନେଇଥାଏ) ଓ ଶିକ୍ଷା କରି ନେଇଥାଏ ।"**(ମଲ୍‌ଫୁଜାତ୍, ଭାଗ-2, ପୃ-91, 92, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

### ସେହି କାଳ ଆସିଯାଇଛି ଯହିଁରେ ଇସ୍‌ଲାମ୍ ଧର୍ମର ପୁନର୍ଜୀବନର ମୂଳଦୁଆ ସ୍ଥାପନ କରାଯାଇଛି । ତାହାଙ୍କ ଦୟାମୂଳକ ସାଗରର ଶୁଷ୍କ ଭୂମିକୁ ସେଚିତ କରିବା ନିମନ୍ତେ କୂଳ ଲଂଘନ କରି ପ୍ରବାହିତ ହୋଇ ପଡୁଛି । ବର୍ତ୍ତମାନ ସେହି ଲୋକମାନେ ହିଁ ସାଫଲ୍ୟମଣ୍ଡିତ ହୋଇପାରିବେ ଯେଉଁମାନେ ଆକାଶୀୟ ଜଳ (ଅମୃତ)ରୁ ଲାଭାନ୍ୱିତ ହେବେ ଏବଂ ଅବା ଓସ୍ତକ୍‌ବରାକୁ ବିନିଯୋଗ କରିବେ ନାହିଁ । ଅର୍ଥାତ୍ ଅବଜ୍ଞା ଓ ଅହଂକାର ପ୍ରଦର୍ଶନ କରିବେ ନାହିଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 19 وَاَنۡزَلۡنَا مِنَ السَّمَآءِ مَآءًۢ بِقَدَرٍ فَاَسۡکَنّٰہُ فِی الۡاَرۡضِ ٭ۖ وَاِنَّا عَلٰی ذَہَابٍۭ بِہٖ لَقٰدِرُوۡنَ ର ବ୍ୟାଖ୍ୟା କରି କୁହନ୍ତି: "ଅଲ୍ଲାଃତାଲା وَاِنَّا عَلٰی ذَہَابٍۭ بِہٖ لَقٰدِرُوۡنَ ରେ କେବଳ ଇସ୍‌ଲାମ୍ ଧର୍ମର ପତନ ସଂପର୍କରେ ସୂଚନା ପ୍ରଦାନ କରି ନାହାନ୍ତି ବରଂ ଏହା ମଧ୍ୟ କହିଛନ୍ତି ଯେ, ଏହି ଅନ୍ଧକାର କାଳରେ ଯେତେବେଳେ ଆଧ୍ୟାତ୍ମିକ ଅନ୍ୱେଷୀମାନେ ଅନ୍ଧମାନଙ୍କ ପରି ଏଣେତେଣେ ବୁଲୁଥିବେ ସେତେବେଳେ ଅଲ୍ଲାଃତାଲା ପୂର୍ବୋତ୍ତର ଭୂପୃଷ୍ଠରୁ ନିଜର ଏକ ଅବତାରକୁ ପ୍ରେରଣ କରିବେ । ସେହି ପ୍ରେରିତ ଅବତାରଙ୍କ ଆଧ୍ୟାତ୍ମିକ କିରଣ ଦ୍ୱାରା ସନ୍ଦେହ, ସଂଶୟର ଅନ୍ଧକାରକୁ ଦୂରୀଭୂତ କରି ଦିଆଯିବ । ଶୁଷ୍କ ଭୂମିକୁ ସେଚିତ କରି ଦିଆଯିବ ଏବଂ ଆଧ୍ୟାତ୍ମିକ ଓ ଧର୍ମପରାୟଣର ଉଦ୍ଭିଦକୁ ବାହାର କରାଯିବ । କାରଣ ଯେଉଁ ସଂସାର ଏକ ଶୁଷ୍କ ବନ ପରି ହୋଇ ଯାଇଥିଲା ତାହା ଏକ ସବୁଜ ଶସ୍ୟକ୍ଷେତ୍ର ପରି ହୋଇଯାଉ । ଲୋକମାନେ ଜୀବନ ଏବଂ ଆନନ୍ଦର ନିଃଶ୍ୱାସ ନେବାକୁ ସକ୍ଷମ (ଅବଶିଷ୍ଟାଂଶ...ପୃ-2ରେ)

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ହୁଅନ୍ତୁ। ଲୋକମାନେ ସେହି ପ୍ରକୃତ ସୁଖକୁ ପ୍ରାପ୍ତ କରି ନିଅନ୍ତୁ ଯେଉଁ ସୁଖ ଅଲ୍ଲାଃତାଲାଙ୍କ ପ୍ରେମ ଓ ତାହାଙ୍କ ସାକ୍ଷାତ୍ ଦ୍ୱାରା ପ୍ରାପ୍ତ ହୋଇଥାଏ । ସୁତରାଂ ସେହି ଯୁଗ ଆସିଯାଇଛି ଯହିଁରେ ଇସ୍‌ଲାମ୍ ଧର୍ମର ପୁନର୍ଜୀବନର ମୂଳଦୁଆ ସ୍ଥାପନ କରାଯାଇଛି । ତାହାଙ୍କ ଦୟାମୂଳକ ସାଗରର ଶୁଷ୍କ ଭୂମିକୁ ସେଚିତ କରିବା ନିମନ୍ତେ କୂଳ ଲଂଘନ କରି ପ୍ରବାହିତ ହୋଇ ପଡୁଛି । ବର୍ତ୍ତମାନ ସେହି ଲୋକମାନେ ହିଁ ସାଫଲ୍ୟମଣ୍ଡିତ ହୋଇପାରିବେ ଯେଉଁମାନେ ଆକାଶୀୟ ଜଳରୁ (ଅମୃତରୁ) ଲାଭାନ୍ୱିତ ହେବେ ଏବଂ ଅବା ଓ୍ୱସ୍ତକ୍‌ବରାକୁ ବିନିଯୋଗ କରିବେ ନାହିଁ । ଅର୍ଥାତ୍ ଅବଜ୍ଞା ଓ ଅହଂକାର ପ୍ରଦର୍ଶନ କରିବେ ନାହିଁ ।"

ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: "ଯେଉଁଭଳି ସଦ୍ୟ ଓ ସତେଜ ଜଳ ଯେତେବେଳେ ଆକାଶରୁ ଅବତୀର୍ଣ୍ଣ ହୋଇଥାଏ । ସେହି ଜଳରୁ ଖଜୁରୀ ଏବଂ ଅଙ୍ଗୁର ଓ ଅନ୍ୟାନ୍ୟ ଫଳମୂଳ ସୃଷ୍ଟି ହୋଇଥାଏ ଠିକ୍ ସେହିପରି ଆଧ୍ୟାତ୍ମିକ ଜଳରୁ ମଧ୍ୟ ନାନା ପ୍ରକାରର ସର୍ବୋଚ୍ଚ ଫଳ ସୃଷ୍ଟି ହୋଇଥାଏ ଏବଂ ଭବିଷ୍ୟରେ ମଧ୍ୟ ଏହି ଫଳ ଜାତ ହେବ । ସେହି ଫଳମାନଙ୍କ ମଧ୍ୟରୁ କେତେକ ଫଳଗୁଡ଼ିକୁ ତୁମେମାନେ ଭକ୍ଷଣ (ଖାଉଛ) କରୁଛ ଏବଂ ଆଉ କେତେକ ଫଳଗୁଡ଼ିକୁ ତୁମେମାନେ ନିତ୍ୟ ବ୍ୟବହାର୍ଯ୍ୟରେ ବ୍ୟବହାର କରୁଛ । ଯେପରିକି ଉକ୍ତ ବୃକ୍ଷର ଫଳ ଯାହା ସିଇନାରୁ ବାହାରିଥାଏ ଏବଂ ଯହିଁରୁ ତେଲ ମଧ୍ୟ ପ୍ରାପ୍ତ ହୋଇଥାଏ । ଉକ୍ତ ଫଳରୁ ପ୍ରାପ୍ତ ତେଲ ଖାଉଥିବା ଲୋକମାନଙ୍କ ନିମନ୍ତେ ତରକାରୀ ରୂପେ ବ୍ୟବହୃତ ହୋଇଥାଏ । ଅର୍ଥାତ୍ ଅଲିଭ୍ ତେଲ ।"

ଉପରୋକ୍ତ ଆୟତ୍‌ରେ ଉକ୍ତ ବିଷୟବସ୍ତୁ ପ୍ରତି ଇଙ୍ଗିତ ରହିଛି ଯେ, ଉକ୍ତ ଆୟତ୍‌ମାନଙ୍କରେ ଇସ୍‌ଲାମ୍ ଧର୍ମର ପୁନର୍ଜୀବନ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ଉକ୍ତ ଆୟତରେ ଏହା କୁହଯାଇଛି ଯେ, ତୁମେମାନେ ଇସ୍‌ଲାମ୍ ଧର୍ମକୁ ଏକ ଫଳହୀନ ଉଦ୍ୟାନ ବୋଲି ମନେକର ନାହିଁ । ବରଂ ମନେରଖ ! ଯେ, ଇସ୍‌ଲାମ୍ ଧର୍ମ ହେଉଛି ଏପରି ଏକ ଉଦ୍ୟାନ ଯେଉଁ ଉଦ୍ୟାନ ପ୍ରତ୍ୟେକ ଯୁଗରେ ନିଜର ସଦ୍ୟତମ ଫଳ ଲୋକମାନଙ୍କୁ ଖୁଆଇ ଚାଲିଥିବ । ଇସ୍‌ଲାମ୍ ଧର୍ମରେ ଯଦି ଯେକୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବ ସେତେବେଳେ ସେହି ତ୍ରୁଟିକୁ ଦୂରୀଭୂତ କରିବା ନିମନ୍ତେ ମୁହମ୍ମଦ ସ.ଅଙ୍କର କୌଣସି ଦାସ ଯେକି ଆପଣ ସ.ଅଙ୍କ ଆଧ୍ୟାତ୍ମିକ ଫଳ ସାବ୍ୟସ୍ତ ହେବ । ସେହି ଆଧ୍ୟାତ୍ମିକ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପକ୍ଷରୁ ଅବତୀର୍ଣ୍ଣ ହୋଇ ସେହି ତ୍ରୁଟି ଏବଂ ସେହି ଦୁର୍ବଳତାକୁ ଦୂରୀଭୂତ କରିଦେବ । ସୁତରାଂ ସାଂପ୍ରତିକ କାଳରେ ଯେତେବେଳେ ସଂସାର ଚମତ୍କାର ଏବଂ ନିଦର୍ଶନକୁ ଦେଖି ଅସ୍ୱୀକାର କରୁଥିଲା ସେତେବେଳେ ଜମାଅତ୍ ଅହମଦିୟାର ସଂସ୍ଥାପକ (ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ) ଇସ୍‌ଲାମ୍ ଧର୍ମର ବିରୋଧୀମାନଙ୍କୁ ଚ୍ୟାଲେଞ୍ଜ ଦେଇ କହିଲେ,

کرامت گرچہ بے نام و نشان است
بیا بنگر ز غلمانِ محمد

ଅର୍ଥାତ୍ ସାଂପ୍ରତିକ କାଳରେ ଯଦି ତୁମମାନଙ୍କୁ ଚମତ୍କାର ଏବଂ ନିଦର୍ଶନର କୌଣସି ଉଦାହରଣ ଦୃଶ୍ୟମାନ ହେଉ ନାହିଁ ତେବେ ତୁମେମାନେ ଆସ ଏବଂ ମୁହମ୍ମଦ ସ.ଅଙ୍କ ଦାସମାନଙ୍କ ଠାରୁ ସେହି ଚମତ୍କାର ଦେଖିନିଅ । ରସୁଲ୍ କରୀମ୍ ସ.ଅ ମଧ୍ୟ ଅଲ୍ଲାଃତାଲାଙ୍କ ସେହି ଦାସର ଚର୍ଚ୍ଚା କରି କହିଲେ, اِنَّ اللّٰہَ یَبۡعَثُ لِھٰذِہِ الۡاُمَّۃِ عَلٰی رَاۡسِ کُلِّ مِائَۃِ سَنَۃٍ مَنۡ یُّجَدِّدُ لَھَا دِیۡنَھَا **(ଅବୁ ଦାଉଦ୍, ଭାଗ-2, ପୃ-241)** ଅର୍ଥାତ୍ ଅଲ୍ଲାଃତାଲା ମୋର ଜାତିରେ ପ୍ରତ୍ୟେକ ଶତାବ୍ଦୀର ଶୀର୍ଷ ଭାଗରେ ଏପରି ଜଣେ ସୁଧାରକଙ୍କୁ ଛିଡ଼ା କରି ଥାଆନ୍ତି ଯିଏ ସେହି ତ୍ରୁଟି ତଥା ଦୋଷ ଦୁର୍ବଳତା, ତ୍ରୁଟି ବିଚ୍ୟୁତି କୁ କରିଦେବେ। ଅର୍ଥାତ୍ ଯୁଗଗାନୁସାରୀ ପ୍ରଥା ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ କରାଇଦେବେ । ଏହିପରି ଭାବରେ ଇାସ୍‌ଲାମ୍ ଧର୍ମର ପବିତ୍ର ଏବଂ ନିଖୁଣ ତଥା ନିର୍ଦ୍ଦୋଷ ଚେହେରା ଲୋକମାନଙ୍କ ସମ୍ମୁଖରେ ବରାମ୍ବାର ଆସୁଥିବ। **(ତଫସିର୍ କବିର୍, ଭାଗ-6, ପୃ-151, ପ୍ରକାଶନ ସ୍ଥାନନ-କାଦିୟାନ୍, 2010 ମସିହା)** ☆--☆--☆

## ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ପିତା ଅବୁ ଆମିର୍ କୁରୈଶ୍‌ମାନଙ୍କର ସାଧୁ ବ୍ୟକ୍ତିଙ୍କ ସହିତ ଥିଲା। **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-327-328, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) )**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଜଣେ ସାହାବିଙ୍କ ଶାହାଦତ୍‌ର ଘଟଣା ରହିଛି । ସେହି ସାହାବି ଜଣକ ହେଲେ, ହ. ସାଆଦ୍ ବିନ୍ ରବିଇ ର.ଅ । ଆପଣ ର.ଅ ମଧ୍ୟ ଶହୀଦ୍ ହୋଇଥିଲା । ଆପଣ ର.ଅଙ୍କ ଶାହାଦତ୍‌ର ଘଟଣା ମଧ୍ୟ ରହିଛି । ତାହା ଏହିପରି ଯେ, ହ. ସାଆଦ୍ ବିନ୍ ରବିଇ ର.ଅ ବଦର୍ ଯୁଦ୍ଧରେ ଏବଂ ଓ୍ୱହୋଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଓ୍ୱହୋଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅ କହିଲେ, ମୋତେ ସାଆଦ୍ ବିନ୍ ରବିଇଙ୍କ ସଂପର୍କରେ ସୂଚନା କିଏ ଆଣି ଦେବ ? ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆଣି ଦେବି । ସୁତରାଂ ସେ ଶହୀଦ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ ଯାଇ ହ. ସାଆଦ୍ ବିନ୍ ରବିଇ ର.ଅଙ୍କୁ ଖୋଜିବାକୁ ଲାଗିଲେ। ହ. ସାଆଦ୍ ର.ଅ **(ଅବଶିଷ୍ଟାଂଶ.................ପୃ-8ରେ)**

**ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।**

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦରର୍ ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ଓ୍ୱର୍ଅ.ବଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ଼୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦରର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଇମାମ ଅର୍ଥାତ୍ ଧର୍ମାଧ୍ୟକ୍ଷଙ୍କ ସ୍ୱର ତୁଳନାରେ ଜମାଅତର ସଦସ୍ୟବୃନ୍ଦଙ୍କ ସ୍ୱରର କୌଣସି ବାସ୍ତବତା ନାହିଁ । ତୁମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ତୁମମାନଙ୍କର କର୍ଣ୍ଣରେ ଯେତେବେଳେ ବି ଈଶ୍ୱରଙ୍କ ସ୍ୱର ଆସିବ (ଶୁଭିବ) ସେତେବେଳେ ତୁମେମାନେ ସେହି ସ୍ୱରକୁ ଶୁଣି ଲବବୈକ୍ (ଉପସ୍ଥିତ ଅଛି) ବୋଲି କହିବ । ସେହି ସ୍ୱର ଅର୍ଥାତ୍ ଇମାମ ଜମାଅତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁମେମାନେ ଧାଇଁପଡ଼ । କାରଣ ତହିଁରେ ହିଁ ତୁମମାନଙ୍କର କଲ୍ୟାଣର ରହସ୍ୟ ନିହିତ ରହିଛି । କେବଳ ସେତିକି ନୁହେଁ ବରଂ ଯଦି ମନୁଷ୍ୟ ସେତେବେଳେ ନମାଜ ପାଠ କରୁଥିବ ତେବେ ମଧ୍ୟ ତ'ର କର୍ତ୍ତବ୍ୟ ରହିଛି ଯେ, ସେ ନମାଜ୍ ଭଙ୍ଗ କରି ଈଶ୍ୱରଙ୍କ ବାର୍ତ୍ତାବହଙ୍କ ଡାକର ଉତ୍ତର ଦେଉ । (ହ. ମୁସଲେହ୍ ମଉଦ୍ ର.ଅ)

— — — — — — — — — — — — — — — — — — — — — — —

ହୁନୈନ୍ ଯୁଦ୍ଧ ଅବସରରେ ନବୀ କରୀମ୍ ସ.ଅ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଭାବରେ ଉତ୍ତର ଦେଲେ ଯେ, ହ. ଅବୁ ବକ୍କର ର.ଅ ଯେତେବେଳେ ଏହା ଦେଖିଲେ ଯେ, ଶତ୍ରୁମାନଙ୍କର ଆକ୍ରମଣ ଜୋର୍‌ଦାର୍ ହୋଇଯାଇଛି ତେଣୁ ଆପଣ ର.ଅ ଉକ୍ତ ଆକ୍ରମଣକୁ ଅଟକାଇବାକୁ ଚେଷ୍ଟା କଲେ ଏବଂ ଆଗକୁ ଅଗ୍ରସର ହୋଇ ଆପଣ ସ.ଅ ଅଶ୍ୱର ମଙ୍ଗ ଧରି ପକାଇଲେ । କିନ୍ତୁ ଆଁହଜରତ ସ.ଅ ହ. ଅବୁ ବକ୍କର ର.ଅଙ୍କୁ କହିଲେ, ହେ ଅବୁ ବକ୍କର୍ ! ମୋ ଅଶ୍ୱର ମଙ୍ଗକୁ ଛାଡ଼ିଦିଅ । ଏହାପରେ ଆପଣ ସ.ଅ ଏହି କବିତା ଅର୍ଥାତ୍ أَنَا النَّبِيُّ لَا كَذِبْ اَنَا ابْنُ عَبْدِ الْمُطَّلِبْ ପାଠ କରି ଆଗକୁ ଅଗ୍ରସର ହେଲେ । ଅର୍ଥାତ୍ ମୁଁ ପ୍ରତିଶ୍ରୁତ ଅବତାର ଅଟେ । ଏହି ପ୍ରତିଶ୍ରୁତ ଅବତାରର ସୁରକ୍ଷା ସାର୍ବକାଳୀନ ପ୍ରତିଶ୍ରୁତି ରହିଛି, ମୁଁ ମିଥ୍ୟାବାଦୀ ନୁହେଁ । ତେଣୁ ତୁମେମାନେ ତିନି ହଜାର ଧନୁର୍ଦ୍ଧର ହୁଅ କି ତିରିଶି ହଜାର ଧନୁର୍ଦ୍ଧର ହୁଅ, ମୁଁ ଏଥି ପ୍ରତି ଭ୍ରୂକ୍ଷେପ କରୁ ନାହିଁ । ଅର୍ଥାତ୍ ମୋର କିଛି ଯାଏ ଆସେ ନାହିଁ । ହେ ମୁସରିକମାନେ ! ତୁମେମାନେ ମୋରେ ଏହି ସାହସିକତାକୁ ଦେଖି ଏହା ବୁଝିନେବ ନାହିଁ ଯେ, ମୁଁ ଈଶ୍ୱର ଅଟେ । ନା ବରଂ ମୁଁ ଏକ ମନୁଷ୍ୟ ଅଟେ ଏବଂ ତୁମମାନଙ୍କର ଅଧିପତି ଅବଦୁଲ୍ ମୁତଲ୍ଲିବ୍ ମୁତଲ୍ଲିବଙ୍କ ପୁତ୍ରର ପୁତ୍ର (ପୌତ୍ର) ଅଟେ ।"

— — — — — — — — — — — — — — — — — — — — — — —

ହୁନୈନ୍ ଯୁଦ୍ଧ ଅବସରରେ ଘଟିଥିବା ଘଟଣାବଳୀର ପ୍ରକାଶରେ ନବୀ କରୀମ୍ ସ.ଅଙ୍କ ଯାଦୃଚ୍ଛିକ ଓ ଚମତ୍କାରିକ ପବିତ୍ର ଜୀବନୀର ବର୍ଣ୍ଣନା । ରସୁଲ୍ କରୀମ୍ ସ.ଅ ହୁନୈନ୍ ଯୁଦ୍ଧ ଦିନ ଗୋଡ଼ି ଧରିଲେ ଏବଂ ସେହି ଗୋଡ଼ିକୁ ଅବିଶ୍ୱାସକାରୀମାନଙ୍କ ମୁଖ ଉପରେ ଫିଙ୍ଗିଦେଲେ । ଆପଣ ସ.ଅ ପୁନଶ୍ଚ କହିଲେ, ମୁଁ ମୁହମ୍ମଦ ସ.ଅଙ୍କ ଈଶ୍ୱରଙ୍କ ଶପଥ କରି କହୁଛି ! ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ, ମୁଁ କାଆବାର ଈଶ୍ୱରଙ୍କ ଶପଥ କରି କହୁଛି ! ଏହି ଲୋକମାନେ (ଅବିଶ୍ୱାସକାରୀମାନେ) ପରାସ୍ତ ହୋଇଗଲେ ।

— — — — — — — — — — — — — — — — — — — — — — —

**05 September 2025 ମସିହା ଅନୁଯାୟୀ ୦୫ ତବୁକ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ମୁଁ ହୁନୈନ୍ ଯୁଦ୍ଧ ବିଷୟରେ ଚର୍ଚ୍ଚା କରିଥିଲି । ସେହି ଯୁଦ୍ଧରେ ଶତ୍ରୁ ପକ୍ଷର ଧନୁର୍ଦ୍ଧରମାନଙ୍କ ଯୋଗୁଁ ମୁସଲମାନ ସୈନ୍ୟବାହିନୀରେ ଯେଉଁ ଦଳା ଚକଟା ଆରମ୍ଭ ହୋଇଥିଲା ତାହାର ସବିଶେଷ ବିବରଣୀ ପ୍ରଦାନ କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ନୁର୍‌ର ଆୟତ୍ ସଂଖ୍ୟା 64ରେ ମଧ୍ୟ ଉକ୍ତ ଘଟଣାର ବର୍ଣ୍ଣନା କରିଛନ୍ତି ଯେ, କିଭଳି ଜଣେ ଅବତାଙ୍କର ଆଜ୍ଞା ପାଳନ କରିବା ଉଚିତ୍ । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, لَا تَجْعَلُوْا دُعَآءَ الرَّسُوْلِ بَيْنَكُمْ كَدُعَآءِ بَعْضِكُمْ بَعْضًا قَدْ يَعْلَمُ اللهُ الَّذِيْنَ يَتَسَلَّلُوْنَ مِنْكُمْ لِوَاذًا فَلْيَحْذَرِ الَّذِيْنَ يُخَالِفُوْنَ عَنْ اَمْرِهٖ اَنْ تُصِيْبَهُمْ فِتْنَةٌ اَوْ يُصِيْبَهُمْ عَذَابٌ اَلِيْمٌ (ଅନ୍ ନୁର୍: 64)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଆୟତ୍‌ର ଅନୁବାଦ ଏହିପରି ଯେ, ହେ ବିଶ୍ୱାସକାରୀମାନେ ତୁମେମାନେ ଏପରି ମନେକର ନାହିଁ ଯେ, ରସୁଲ୍ ତୁମମାନଙ୍କ ମଧ୍ୟରୁ କାହାରିକୁ ଡାକିବା ତୁମେମାନେ ପରସ୍ପରକୁ ଡାକିବା ସହିତ ସମାନ ଅଟେ । ତୁମମାନଙ୍କ ମଧ୍ୟରୁ ଯେଉଁମାନେ ଅଲୋଚନା ସ୍ଥଳରୁ ଲୁଚି ପଳାଇ ଯାଆନ୍ତି ସେମାନଙ୍କୁ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି । ସୁତରାଂ ଯେଉଁମାନେ ତାହାଙ୍କ ଆଦେଶର ବିରୁଦ୍ଧାଚରଣ କରନ୍ତି ସେମାନେ ଯେଉଁ ସତର୍କ ରହିବା ଉଚିତ୍ ଯେ, ଅଲ୍ଲାଃଙ୍କ ତରଫରୁ ସେମାନଙ୍କ ପ୍ରତି କୌଣସି ବିପଦ ପହଞ୍ଚି ନଯାଉ ବା ସେମାନଙ୍କ ପ୍ରତି କୌଣସି ଯନ୍ତ୍ରଣାଦାୟକ ଶାସ୍ତି ଉପସ୍ଥିତ ହୋଇ ନଯାଉ ।

ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ଇମାମ ଅର୍ଥାତ୍ ଧର୍ମାଧ୍ୟକ୍ଷଙ୍କ ସ୍ୱର ତୁଳନାରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସ୍ୱରର କୌଣସି ବାସ୍ତବତା ନାହିଁ । ତୁମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ତୁମମାନଙ୍କର କର୍ଣ୍ଣରେ ଯେତେବେଳେ ବି ଈଶ୍ୱରଙ୍କ ସ୍ୱର ଆସିବ (ଶୁଭିବ) ସେତେବେଳେ ତୁମେମାନେ ସେହି ସ୍ୱରକୁ ଶୁଣି ଲବ୍‌ବୈକ୍ (ଉପସ୍ଥିତ ଅଛି) ବୋଲି କହିବ । ସେହି ସ୍ୱର ଅର୍ଥାତ୍ ଇମାମ ଜମାଅତ୍‌ଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁମେମାନେ ଧାଇଁପଡ଼ । କାରଣ ତହିଁରେ ହିଁ ତୁମମାନଙ୍କର କଲ୍ୟାଣର ରହସ୍ୟ ନିହିତ ରହିଛି । କେବଳ ସେତିକି ନୁହେଁ ବରଂ ଯଦି ମନୁଷ୍ୟ ସେତେବେଳେ ନମାଜ ପାଠ କରୁଥିବ ତେବେ ମଧ୍ୟ ତ'ର କର୍ତ୍ତବ୍ୟ ରହିଛି ଯେ, ସେ ନମାଜ୍ ଭଙ୍ଗ କରି ଈଶ୍ୱରଙ୍କ ବାର୍ତ୍ତାବହଙ୍କ ଡାକର ଉତ୍ତର ଦେଉ ।....... ସେ ଯାହା ହେଉ ନବୀ କରୀମ୍ ସ.ଅଙ୍କ ସ୍ୱରକୁ ଶୁଣି ହଁ କହିବା ଏକ ଅତି ଜରୁରୀ ପ୍ରସଙ୍ଗ ଅଟେ। କେବଳ ସେତିକି ନୁହେଁ ବରଂ ଏହା ବିଶ୍ୱାସର ଲକ୍ଷଣ ମଧ୍ୟରୁ ବୃହତ୍ ଅନ୍ୟତମ ଲକ୍ଷଣ ଅଟେ ।.........ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଉପଦେଶ ଦେଇ କୁହନ୍ତି ଯେ, ହେ ବିଶ୍ୱାସକାରୀମାନେ ! ତୁମମାନଙ୍କୁ ଯଦି ଈଶ୍ୱରଙ୍କ ବାର୍ତ୍ତାବହ ଡାକନ୍ତି ତେବେ ତୁମେମାନେ ତାହାଙ୍କ ଡାକକୁ ଅନ୍ୟମାନଙ୍କ ଡାକ ପରି ସାଧାରଣ ବୋଲି ମନେକର ନାହିଁ । ବରଂ ତୁରନ୍ତ ତାହାଙ୍କ ଡାକକୁ ଶୁଣି ଉତ୍ତର ଦିଅ । ଅର୍ଥାତ ହଁ କୁହ ଓ କୁହ କି ଆଜ୍ଞା ମୁଁ ଉପସ୍ଥିତ ଅଛି । ଅର୍ଥାତ୍ ଏହା କୁହାଯାଇଛି ଯେ, ମୁହମ୍ମଦ ସ.ଅ ଦୁଇଟି ଭିନ୍ନ ଭିନ୍ନ ଅସ୍ତିତ୍ୱ ଅଟନ୍ତି । ଆପଣ ସ.ଅଙ୍କର ସ୍ଥିତାବସ୍ଥା ଭିନ୍ନ ଭିନ୍ନ ରହିଛି । 1- ଆପଣ ସ.ଅ ସାଂସାରିକ ଦୃଷ୍ଟିରୁ ଅଫିସର ଅଟନ୍ତି ଏବଂ ଅବତାର ଅଟନ୍ତି । 2- ସାଂସାରିକ ଧନାଢ୍ୟ ବ୍ୟକ୍ତି ହେବା ଦୃଷ୍ଟିରୁ ମଧ୍ୟ ଆପଣ ସ.ଅଙ୍କୁ ସ୍ୱୀକାର କରିବାକୁ ପଡ଼ିବ ତାହାଙ୍କ ବାର୍ତ୍ତାବହଙ୍କ ସ୍ୱୀକାର କରିବା ପରମ କର୍ତ୍ତବ୍ୟ ଅଟେ ।"

ଏଠାରେ ହ, ମୁସଲେ ର.ଅ ହୁନୈନ୍ ଯୁଦ୍ଧର ବ୍ୟାଖ୍ୟା ଅତି ସ୍ପଷ୍ଟତାର ସହିତ ପ୍ରଦାନ କରିଛନ୍ତି । ଅର୍ଥାତ୍ ଆପଣ ର.ଅ କୁହନ୍ତି; "ଇତିହାସରୁ ଏହା ଜ୍ଞାତ ହୁଏ ଯେ, ହୁନୈନ୍ ଯୁଦ୍ଧ ଅବସରରେ ଯେତେବେଳେ ମକ୍କାର ଅବିଶ୍ୱାସକାରୀମାନେ ଇସଲାମୀୟ ସୈନ୍ୟବାହିନୀରେ ଏହା କହି ସାମିଲ୍ ହୋଇଗଲେ ଯେ, ଆଜି ଆମେମାନେ ନିଜ ସାହସିକତାର କୌଶଳ ପ୍ରଦର୍ଶନ କରିବୁ । କିନ୍ତୁ ବନୁ ସକିଫ୍ ସଂପ୍ରଦାୟ ଯେତେବେଳେ ଜୋରଦାର୍ ଆକ୍ରମଣ କଲା ସେତେବେଳେ ଏହି ଅବିଶ୍ୱାସକାରୀମାନେ ବନୁ ସକିଫ୍ ସଂପ୍ରଦାୟର ଉକ୍ତ ଆକ୍ରମଣକୁ ସହ୍ୟ କରିପାରିଲେ ନାହିଁ । ଫଳତଃ ଏମାନେ ଯୁଦ୍ଧ ଭୂମି ଛାଡ଼ି ପଳାୟନ କଲେ । ଅତଏବ୍ ସେତେବେଳେ ଏମିତି ଏକ ସମୟ ଆସିଲା ଯେ, ରସୁଲ୍ କରୀମ୍ ସ.ଅଙ୍କ ଆଖପାଖରେ କେବଳ 12 ଜଣ ସାହାବି ରହିଯାଇଥିଲେ । ଇସ୍‌ଲାମୀୟ ସୈନ୍ୟବାହିନୀ ଯେକି ଦଶ ହଜାର ସଂଖ୍ୟକ ଥିଲା, ସେହି ସୈନ୍ୟବାହିନୀ ମଧ୍ୟରେ ଦଳା ଚକଟା ଆରମ୍ଭ ହୋଇଗଲା। ଅବିଶ୍ୱାସକାରୀମାନଙ୍କ ସୈନ୍ୟ ସଂଖ୍ୟା 3000 ଧନୁର୍ଦ୍ଧର ବିଶିଷ୍ଟ ଥିଲା, ସେହି ସୈନ୍ୟବାହିନୀ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଓ ଦକ୍ଷିଣ ପାର୍ଶ୍ୱରେ ଚଢି ଆପଣ ସ.ଅଙ୍କ ଉପରେ ତୀର ବର୍ଷଣ କରୁଥିଲା । କିନ୍ତୁ ଆପଣ ସ.ଅ ସେତେବେଳେ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁ ନଥିଲେ । ବରଂ ଆଗକୁ ଅଗ୍ରସର ହେବାକୁ ଚାହୁଁଥିଲେ । ହ. ଅବୁ ବକ୍କର୍ ର.ଅ ଘାବରେଇ ଆପଣ ସ.ଅଙ୍କ ବାହନରୁ ମଙ୍ଗ ଧରି ପକାଇଲେ ଓ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପ୍ରାଣ ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଉ । ବର୍ତ୍ତମାନ ଆଗକୁ ଅଗ୍ରସର ହେବାର ସମୟ ନୁହେଁ । ଆଗ ଇସ୍‌ଲାମୀୟ ସୈନ୍ୟବାହିନୀ ଏକତ୍ରିତ ହୋଇଯାଉ ତା'ପରେ ଯାଇ ଆମେମାନେ ଆଗକୁ ଅଗ୍ରସର ହେବା । କିନ୍ତୁ ଆପଣ ସ.ଅ ଅତ୍ୟନ୍ତ ଉତ୍ସାହପୂର୍ବକ କହିଲେ, ହେ ଅବୁ ବକ୍କର୍ ! ମୋ ଅଶ୍ୱର ମଙ୍ଗକୁ ଛାଡ଼ିଦିଅ । ଏହାପରେ ଆପଣ ସ.ଅ ଏହି କବିତା ଅର୍ଥାତ୍ أَنَا النَّبِيُّ لَا كَذِبْ اَنَا ابْنُ عَبْدِ الْمُطَّلِبْ ପାଠ କରି ଆଗକୁ ଅଗ୍ରସର ହେଲେ । ଅର୍ଥାତ୍ ମୁଁ ପ୍ରତିଶ୍ରୁତ ଅବତାର ଅଟେ । ଏହି ପ୍ରତିଶ୍ରୁତ ଅବତାରର ସୁରକ୍ଷା ସାର୍ବକାଳୀନ ପ୍ରତିଶ୍ରୁତି ରହିଛି, ମୁଁ ମିଥ୍ୟାବାଦୀ ନୁହେଁ । ତେଣୁ ତୁମେମାନେ ତିନି ହଜାର ଧନୁର୍ଦ୍ଧର ହୁଅ କି ତିରିଶି ହଜାର ଧନୁର୍ଦ୍ଧର ହୁଅ, ମୁଁ ଏଥି ପ୍ରତି ଭ୍ରୂକ୍ଷେପ କରୁ ନାହିଁ । ଅର୍ଥାତ୍ ମୋର କିଛି ଯାଏ ଆସେ ନାହିଁ । ହେ ମୁସରିକ୍‌ମାନେ ! ତୁମେମାନେ

ମୋରେ ଏହି ସାହସିକତାକୁ ଦେଖି ଏହା ବୁଝିନେବ ନାହିଁ ଯେ, ମୁଁ ଈଶ୍ୱର ଅଟେ । ନା ବରଂ ମୁଁ ଏକ ମନୁଷ୍ୟ ଅଟେ ଏବଂ ତୁମମାନଙ୍କର ଅଧିପତି ଅବ୍‌ଦୁଲ୍ ମୁତଲ୍ଲିବଙ୍କ ପୁତ୍ରର ପୁତ୍ର (ପୌତ୍ର) ଅଟେ ।"

ଆପଣ ସ.ଅଙ୍କ ଚଚା ହ. ଅବ୍‌ବାସଙ୍କ ସ୍ୱର ଅତି ଉଚ୍ଚ ଥିଲା । ଆପଣ ସ.ଅ ତାଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ, ହେ ଅବ୍‌ବାସ୍ ! ଆଗକୁ ଆସ ଏବଂ ଉଚ୍ଚ ସ୍ୱରରେ ଡାକ ଯେ, ହେ ସୁରାଃ ବକ୍ରାହ୍‌ର ସାହାବାମାନେ ! (ଅର୍ଥାତ୍ ଯେଉଁ ସାହାବାମାନେ ସୁରାଃ ବକ୍ରାହ୍ ମୁଖସ୍ତ କରିଥିଲେ ସେହିମାନଙ୍କୁ ସୁରାଃ ବକ୍ରାହ୍ ସାହାବା ବୋଲି କୁହାଯାଏ) ହେ ହୁଦୈବିୟା ଦିନ ଗଛ ତଳେ ଆଁହଜରତ୍ ସ.ଅଙ୍କ ହସ୍ତରେ ବୈଅତ୍ କରିଥିବା ସାହାବାମାନେ ! ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତୁମମାନଙ୍କୁ ଡାକୁଛନ୍ତି । ଜନୈକ ସାହାବି କୁହନ୍ତି ଯେ, ମକ୍କାର ନବଦୀକ୍ଷିତ ମୁସଲମାନମାନେ କାପୁରୁଷତା ଯୋଗୁଁ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀର ଅଗ୍ରଭାଗ ପଛକୁ ପଳାୟନ କରିବାକୁ ଲାଗିଲା ସେତେବେଳେ ଆମମାନଙ୍କର ସୈନ୍ୟବାହିନୀ ମଧ୍ୟ ଦଉଡ଼ିବାକୁ ଲାଗିଲା ଏବଂ ଆମେମାନେ ସେମାନଙ୍କୁ ଯେତେ ଅଟକାଇବାକୁ ଚେଷ୍ଟା କରୁଥିଲୁ ସେମାନେ ସେତିକି ପଛକୁ ଦଉଡ଼ିବାକୁ ଚେଷ୍ଟା କରୁଥିଲେ । ଏପର୍ଯ୍ୟନ୍ତକି ଅବ୍‌ବାସ୍ ର.ଅ.ଙ୍କ ସ୍ୱର ଯୁଦ୍ଧ ଭୂମିରେ ଗୁଞ୍ଜରିତ ହେବାକୁ ଲାଗିଲା ଯେ, "ହେ ସୁରାଃ ବକ୍ରାହ୍‌ର ସାହାବାମାନେ! (ହ. ଅବ୍‌ବାସ୍ ର.ଅ ଏଇଥି ପାଇଁ ନାମ ନେଇ ଡାକିଲେ ଯେ, ଉକ୍ତ ସୁରାଃଟି ମଦିନାରେ ଅବତୀର୍ଣ୍ଣ ହୋଇଥିବା ସୁରାଃମାନଙ୍କ ମଧ୍ୟରୁ ସର୍ବ ପ୍ରଥମ ସୁରାଃ ଥିଲା । ତେଣୁ ଉକ୍ତ ସୁରାଃରେ ଏହି ଆୟତ୍ ମଧ୍ୟ ରହିଛି ଯେ, ସ୍ୱଳ୍ପ ସଂଖ୍ୟକ ଲୋକମାନେ ଅଧିକ ସଂଖ୍ୟକ ଲୋକମାନଙ୍କ ଉପରେ ଈଶ୍ୱରଙ୍କ ଆଦେଶାନୁଯାୟୀ ବିଜୟ ଲାଭ କରନ୍ତି ଓ ତହିଁରେ ନିଜର ଅଙ୍ଗୀକାର ପୂର୍ଣ୍ଣ କରିବା ନିମନ୍ତେ ମଧ୍ୟ ସେମାନଙ୍କୁ ଉତ୍ସାହିତ କରାଯାଇଛି ।) ହେ ହୁଦୈବିୟା ଦିନ ଗଛ ତଳେ ଆଁହଜରତ୍ ସ.ଅଙ୍କ ହସ୍ତରେ ବୈଅତ୍ କରିଥିବା ସାହାବାମାନେ ! ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତୁମମାନଙ୍କୁ ଡାକୁଛନ୍ତି । ହ. ଅବୁ ବକ୍କର ର.ଅ କହିଲେ, ଯେତେବେଳେ ମୋ କାନରେ ଉକ୍ତ ସ୍ୱର ଶୁଭିଲା ସେତେବେଳେ ମୋତେ ଏପରି ପ୍ରତିତ ହେଲା ଯେପରିକି ମୁଁ ଜୀବିତ ନୁହେଁ ବରଂ ମୃତ ଅଟେ ଓ ଇସ୍ରାଫିଲ୍‌ର ଶଙ୍ଖନାଦ ବାତାବରଣରେ ଗୁଞ୍ଜରିତ ହେଉଛି । ମୁଁ ନିଜ ଓଟର ମଙ୍ଗକୁ ଅତି ଜୋର୍‌ରେ ଟାଣିବାକୁ ଲାଗିଲି ଓ ତା'ର ମୁଣ୍ଡ ପିଠି ସହିତ ସଂଲଗ୍ନ ହୋଇଗଲା (ଅର୍ଥାତ୍ ଓଟ ଆଗକୁ ଯିବାକୁ ଅନିଚ୍ଛୁକ ଥିଲା) । କିନ୍ତୁ ଓଟ ଚମକି ଯାଇଥିଲା ଯେ, ମୁଁ ଯେମିତି ଲଗାମ୍‌କୁ ଢିଲା କଲି ସେ ସେମିତି ପଛ ଆଡକୁ ଧାଇଁବାକୁ ଲାଗିଲା । ପ୍ରତ୍ୟୁତ୍ତରରେ ମୁଁ ଓ ମୋର ଅନେକ ସାଥିମାନେ ଖଡ଼୍‌ଗ ବାହାରି କରିନେଲେ ଏବଂ ଅନେକ ସାହାବାମାନେ ନିଜ ଓଟ ଉପରୁ ତଳକୁ ଡେଇଁ ପଡ଼ିଲେ ଓ ଆଉ କେତେକ ସାହାବାମାନେ ନିଜ ଓଟର ସ୍କନ୍ଧଚ୍ୟୁତ କରିଦେଲେ । ସେହି ସାହାବାମାନେ ଏପରି କୃତ୍ୟ କରି ରସୁଲ୍ କରୀମ୍ ସ.ଅଙ୍କ ଆଡ଼କୁ ଦଉଡ଼ିବା ଆରମ୍ଭ କରିଦେଲେ ଏବଂ କିଛି କ୍ଷଣ ମଧ୍ୟରେ ହିଁ ସେହି ଦଶ ହଜାର ସଂଖ୍ୟା ବିଶିଷ୍ଟ ସୈନ୍ୟବାହିନୀ ଯିଏ ଅପ୍ରତ୍ୟାଶିତ ଭାବରେ ମକ୍କା ଅଭିମୁଖେ ପଳାଇ ଯାଉଥିଲା ସେହି ସୈନ୍ୟବାହିନୀ ପୁନଃ ଆପଣ ସ.ଅଙ୍କ ପାଖରେ ଏକତ୍ରିତ ହୋଇଗଲା ଏବଂ କିଛି ସମୟ ମଧ୍ୟରେ ହିଁ ପର୍ବତ ଉପରେ ଆରୋହଣ କରି ସେହି ସୈନ୍ୟବାହିନୀ ଶତ୍ରୁପକ୍ଷର ବିନାଶ ସାଧନ କରିଦେଲା ଓ ଏହି ଭୟଙ୍କର ପରାଜୟ ଏକ ମହାବିଜୟରେ ପରିଣତ ହୋଇଗଲା।" **(ତଫ୍‌ସିର୍ କବିର, ଭାଗ-8, ପୃ-624-628, ଅନ୍‌ନୁର୍- ଆୟତ୍ ସଂଖ୍ୟା 64) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-155, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ଆଉ ଏକ ଭାଷଣ "**ଉସ୍‌ୱାଏ ହସ୍‌ନା**"ରେ ଉକ୍ତ ଘଟଣାର ଚର୍ଚ୍ଚା ମଧ୍ୟ କରିଛନ୍ତି ଯେ, ମକ୍କା ବିଜୟ ପରେ ଯେତେବେଳେ ରସୁଲ୍ କରୀମ୍ ସ.ଅ କେତେକ ଆରବ୍ୟ ସଂପ୍ରଦାୟର ମୁକାବିଲା କରିବା ନିମନ୍ତେ ହୁନୈନ୍ ଯୁଦ୍ଧରେ ଚାଲି ଯାଇଥିଲେ, ସେତେବେଳେ ମକ୍କାରେ ଅନେକ ଲୋକମାନେ ନୂଆ ନୂଆ ମୁସଲମାନ ହୋଇଥିଲେ। ସେଇଥିପାଇଁ ସେମାନେ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କ ସହିତ ସାମିଲ୍ ହୋଇଗଲେ ଏବଂ ଯେଉଁମାନେ ବର୍ତ୍ତମାନ ମୁସଲମାନ ହୋଇ ନଥିଲେ ସେମାନେ ମଧ୍ୟ କେବଳ ନିଜର ମର୍ଯ୍ୟାଦା ପରିପ୍ରକାଶ ଏବଂ ଜାତୀୟ ଉତ୍ସାହ ଯୋଗୁଁ ମୁସଲମାନ ସୈନ୍ୟବାହିନୀ ସହିତ ମିଶିଗଲେ । ସେମାନେ ନିଜର ସଂଖ୍ୟାଗରିଷ୍ଠତା ଉପରେ ନାନା ପ୍ରକାରର କଥାବାର୍ତ୍ତା କରିବା ଆରମ୍ଭ କରିଦେଲେ । ସେମାନେ ଏହା କହିବାକୁ ଲାଗିଲେ ଯେ, "ଆମେମାନେ ସଂଖ୍ୟାଗରିଷ୍ଠ ଅଟୁ । ଆଜି ଆମେମାନଙ୍କୁ କେହି ବି ପରାସ୍ତ କରି ପାରିବ ନାହିଁ ।" ଅଲ୍ଲାଃତାଲା ସେମାନଙ୍କୁ ଏହି ଅଂହକାରର ଶାସ୍ତି ଦେବା ନିମନ୍ତେ ଏପରି ସାଧନ ସୃଷ୍ଟି କରିଦେଲେ ଯେ, ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ଆଗକୁ ଅଗ୍ର ହେବାକୁ ଲାଗିଲା ସେତେବେଳେ ଶତ୍ରୁ ଗୁପ୍ତ ସ୍ଥାନରେ ଲୁଚି ଛପି ରହି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ଜଗି ବସିଥିଲେ। କେତେକ ଶତ୍ରୁ ବାମ ପାର୍ଶ୍ୱରେ ଲୁଚି ଯାଇଥିଲେ ତ' ଆଉ କେତେକ ଶତ୍ରୁ ଡାହାଣ ପାର୍ଶ୍ୱରେ ଲୁଚି ଯାଇଥିଲେ । ଅତଏବ୍ ଯେତେବେଳେ ସୈନ୍ୟବାହିନୀ ସେହି ସ୍ଥାନ ଦେଇ ଅତିକ୍ରମ କଲା (ଅର୍ଥାତ୍ ସେହି ସ୍ଥାନର ବାମ ପାର୍ଶ୍ୱରେ ଓ ଦକ୍ଷିଣ ପାର୍ଶ୍ୱରେ ସହସ୍ରାଧିକ ଧନୁର୍ଦ୍ଧରମାନେ ଲୁଚି ବସିଥିଲେ) ସେତେବେଳେ ସେମାନେ ସହସା ଇସଲାମୀୟ ସୈନ୍ୟବାହିନୀ ଉପରେ ତୀର ବର୍ଷଣ କରିଦେଲା । ଏହା ଦେଖି ସେହି ହଦିସୁଲ୍ ଅହଦ୍ ଅର୍ଥାତ୍ ନବ ଦୀକ୍ଷିତ ମୁସଲମାନମାନେ ଯେଉଁମାନଙ୍କ ମଧ୍ୟରେ ବର୍ତ୍ତମାନ ଦୁର୍ବଳତା ଦେଖିବାକୁ ମିଳୁଥିଲା ଏବଂ ମକ୍କାର ସେହି ଅବିଶ୍ୱାସକାରୀମାନେ ଯେଉଁମାନେ କେବଳ ଜାତୀୟ ଉତ୍ସାହ ଯୋଗୁଁ ମୁସଲମାନମାନଙ୍କ ସହିତ ସାମିଲ୍ ହୋଇଯାଇଥିଲେ ସେମାନେ ଅପ୍ରତ୍ୟାଶିତ ଭାବରେ ଯୁଦ୍ଧ ଭୂମି ଛାଡ଼ି ପଳାୟନ କଲେ। ଏପରି ପରିସ୍ଥିତିରେ ଯେତେବେଳେ ସୈନ୍ୟବାହିନୀର ପୂର୍ବଭାଗ ପଳାୟନ କରନ୍ତି ସେତେବେଳେ ଅନିର୍ବାର୍ଯ୍ୟ ରୂପେ ପଛରେ ଆସୁଥିବା ଅଶ୍ୱମାନେ ଚମକି ଯାଇଥାଆନ୍ତି ଓ ସେମାନେ ପଳାୟନ କରିବାକୁ ଲାଗନ୍ତି। ସୁତରାଂ ଉକ୍ତ ଯୁଦ୍ଧରେ ମଧ୍ୟ ଏହା ହିଁ ହେଲା । ଯେତେବେଳେ ସେହି ନବଦୀକ୍ଷିତ ମୁସଲମାନମାନେ ଅବିଶ୍ୱାସକାରୀମାନଙ୍କର ତୀରର ବର୍ଷଣକୁ ସହ୍ୟ କରି ନପାରି ପଳାୟନ କଲେ ସେତେବେଳେ ସାହାବାମାନଙ୍କର ଅଶ୍ୱମାନେ ମଧ୍ୟ ପଳାୟନ କରିବା ଆରମ୍ଭ କରିଦେଲେ ଓ ସମସ୍ତ ଇସ୍‌ଲାମୀୟ ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା । ଉକ୍ତ ବିପର୍ଯ୍ୟୟ ଏପର୍ଯ୍ୟନ୍ତ ବୃଦ୍ଧି ପାଇଲା ଯେ, ରସୁଲ୍ କରୀମ୍ ସ.ଅଙ୍କ ଆଖପାଖରେ କେବଳ 12ଜଣ ଲୋକମାନେ ରହିଗଲେ ଓ ଅନ୍ୟ ସମସ୍ତ ଲୋକମାନେ ପଳାୟନ କରିଥିଲେ । ଏହା ଦେଖି ହ. ଅବ୍‌ବାସ୍ ର.ଅ ରସୁଲ୍ କରୀମ୍ ସ.ଅଙ୍କ ଅଶ୍ୱର ମଙ୍ଗ ଧରିନେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଆଉ ଅଟକିବାର ସମୟ ନୁହଁ, ଅଶ୍ୱର ମଙ୍ଗ ମୋଡ଼ି ଦିଅନ୍ତୁ ଓ ଫେରି ଚାଲନ୍ତୁ । କାରଣ ଇସ୍‌ଲାମୀୟ ସୈନ୍ୟବାହିନୀକୁ ପୁନଃ ଏକତ୍ରିତ ତଥା ସଂଘଟିତ କରି ଆକ୍ରମଣ କରା ଯାଇପାରିବ । କିନ୍ତୁ ଆଁହଜରତ ସ.ଅ ପ୍ରତ୍ୟୁତ୍ତରରେ କହିଲେ, ହେ ଅବ୍‌ବାସ୍ ! ଈଶ୍ୱରାବତାରମାନେ ଯୁଦ୍ଧ ଭିମିରୁ କେବେ ବି ପଳାୟନ କରନ୍ତି ନାହିଁ । ଆପଣ ସ.ଅ ଏପରି କହି ଅଶ୍ୱର ମଙ୍ଗ ଅର୍ଥାତ୍ ଲଗାମ୍ ଧରିଲେ ଓ ଅଶ୍ୱକୁ ଗୋଇଠି ଲଗାଇ ଆଗକୁ ଯିବା ନିମନ୍ତେ ଇଙ୍ଗିତ କଲେ । ଆପଣ ସ.ଅ କହିଲେ,

أَنَا النَّبِيُّ لَا كَذِبْ أَنَا ابْنُ عَبْدِ الْمُطَّلِبْ

ଅର୍ଥାତ୍ ମୁଁ ପ୍ରତିଶୃତ ଅବତାର ଅଟେ । ମୁଁ ମିଥ୍ୟାବାଦୀ ନୁହେଁ । ଆଜି ମୁଁ ଏହି ଧନୁର୍ଦ୍ଧମାନଙ୍କ ଠାରୁ ଡରିଯିବି ନାହିଁ । ଆଜି ଚାରି ହଜାର୍ ଧନୁର୍ଦ୍ଧରମାନଙ୍କ ଦ୍ୱାରା ଘେରି ହୋଇଯିବା ସତ୍ତ୍ୱେ ମଧ୍ୟ ମୁଁ ଆଗକୁ ଅଗ୍ରସର ହୋଇ ଚାଲିଛି । ତେଣୁ ହେ ସାହାବାମାନେ ! ତୁମେମାନେ ମୋରେ ଏହି ସାହସିକତାକୁ ଦେଖି ଏହା ବୁଝିନେବ ନାହିଁ ଯେ, ମୁଁ ଈଶ୍ୱର ଅଟେ, ମୋ ମଧ୍ୟରେ ଐଶ୍ୱରିକ ଶକ୍ତି ଦେଖିବାକୁ ମିଳେ, ନା ବରଂ ମୁଁ ଏକ ମନୁଷ୍ୟ ଅଟେ । ମୁଁ ଈଶ୍ୱର ନୁହେଁ ମୁଁ ତ' ତୁମମାନଙ୍କର ଅଧିପତି ଅବ୍‌ଦୁଲ୍ ମୁତଲ୍ଲିବଙ୍କ ପୁତ୍ରର ପୁତ୍ର (ପୌତ୍ର) ଅଟେ । କିନ୍ତୁ ଏହି ଲୋକମାନେ ଈଶ୍ୱରଙ୍କ ପରି ଦୃଶ୍ୟମାନ ହୋଇ ଯାଇଥାଆନ୍ତି । ଅର୍ଥାତ୍ ଯେଉଁମାନେ ଅବତାର ଓ ରସୁଲ୍ ଅଟନ୍ତି, ଯେଉଁମାନେ ଈଶ୍ୱରଙ୍କ ସାଧୁ ସନ୍ଥ ଅସ୍ତିତ୍ୱ ଅଟନ୍ତି ସେମାନେ ଈଶ୍ୱର ଗୁଣ ଅର୍ଥାତ୍ ଅଲୌକିକ ଶକ୍ତି ପ୍ରଦର୍ଶନକାରୀ ଅସ୍ତିତ୍ୱ ଅଟନ୍ତି । ଯେତେବେଳେ ଏହି ଅବସ୍ଥା ସୃଷ୍ଟି ହେଲା ଏବଂ ଶତ୍ରୁ ଆନନ୍ଦିତ ହେଲା କି ସେ ମୁସଲମାନମାନଙ୍କୁ ମାରି ଦେଇଛି ସେତେବେଳେ ରସୁଲ୍ କରୀମ୍ ସ.ଅ ହ. ଅବ୍‌ବାସ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ, ହେ ଅବ୍‌ବାସ୍ ! ତୁମେ ଡାକ ମାର ଯେ, ହେ ଅନ୍‌ସାରମାନେ ! ଈଶ୍ୱରଙ୍କ ବାର୍ତ୍ତାବହ ତୁମମାନଙ୍କୁ ଡାକୁଛନ୍ତି......ଯେତେବେଳେ ହ. ଅବ୍‌ବାସ୍ ର.ଅ ଉଚ୍ଚ ସ୍ୱରରେ ରସୁଲ୍ କରୀମ୍ ସ.ଅଙ୍କ ଉକ୍ତ ବାକ୍ୟକୁ ପୁନରାବୃତ୍ତି କଲେ କି ହେ ଅନ୍‌ସାରମାନେ ! ଈଶ୍ୱରଙ୍କ ବାର୍ତ୍ତାବହ ତୁମମାନଙ୍କୁ ଡାକୁଛନ୍ତି, ଜଣେ ଅନ୍‌ସାରୀ ବ୍ୟକ୍ତି କହିଲା କି ସେତେବେଳେ ଏହି ଅବସ୍ଥା ଥିଲା ଯେ, ଆମମାନଙ୍କର ଅଶ୍ୱ ଏବଂ ଆମମାନଙ୍କର ଓଟ ଆମମାନଙ୍କ ଆୟତ୍ତରୁ ଅଣାୟତ୍ତ ହୋଇଯାଉଥିଲେ । ଏପରି ପ୍ରତିତ ହେଉଥିଲା ଯେପରିକି ଏହି ଓଟ ଓ ଅଶ୍ୱମାନେ ମକ୍କା ମଦିନାରେ ଅଟକିବେ ନାହିଁ । ଏହି ଅଶ୍ୱ ଓ ଓଟମାନେ ସହସ୍ର ଲୋକମାନଙ୍କ ପଳାୟନ କରିବା ହେତୁ ଏପରି ଡରି ଯାଇଥିଲେ ଯେ, ସେମାନେ କୌଣସି ପ୍ରକାରେ ପଛକୁ ଫେରିବାକୁ ଚାହୁଁ ନଥିଲେ । ଆମେମାନେ ନିଜ ଅଶ୍ୱର ମଙ୍ଗ ଟାଣୁଥିଲେ ଏବଂ ଏତେ ବଳ ପ୍ରୟୋଗ କରୁଥିଲୁ ଯେ, ସେହି ଅଶ୍ୱ ଓ ଓଟର ମୁହଁ ନିଃଶ୍ୱାସ ବାହାରିବାକୁ ଲାଗୁଥିଲା । କିନ୍ତୁ ସେହି ଅଶ୍ୱ ଓ ଓଟମାନେ ଯୁଦ୍ଧ ଭୂମିକୁ ଫେରିବା ପରିବର୍ତ୍ତେ ସେମାନେ ପଛକୁ ପଳାଇ ଯାଇଥିଲେ । ଆମମାନଙ୍କର ଏହି ଅବସ୍ଥା


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ରହିଥିଲା ଯ, ଆମମାନଙ୍କ କର୍ଣ୍ଣ (କାନରେ)ରେ ହ. ଅବ୍ବାସ୍ ର.ଅଙ୍କ ସ୍ୱର ଶୁଭିବାକୁ ଲାଗିଲା ଯେ, ହେ ଅନ୍‌ସାରମାନେ ! ଈଶ୍ୱରଙ୍କ ବାର୍ତ୍ତାବହ ତୁମମାନଙ୍କୁ ଡାକୁଛନ୍ତି । ହ. ଅବ୍ବାସ୍ ର.ଅ କୁହନ୍ତି ଯେ, ଉକ୍ତ ଡାକକୁ ଶୁଣିବା ମାତ୍ରେ ଆମମାନଙ୍କର ଏହି ଅବସ୍ଥା ହୋଇଯାଇଥିଲା ଯେ, ଆମମାନଙ୍କୁ ଏହା ଜଣା ନଥିଲା ଯେ, ଆମମାନଙ୍କୁ କେହି ଡାକୁଛି । ବରଂ ଆମମାନଙ୍କୁ ଏହା ଲାଗୁଥିଲା ଯେ, ଆଜି ପ୍ରଳୟ ଦିବସ ଅଟେ ଏବଂ ମୃତ ଆତ୍ମାମାନଙ୍କୁ ଜୀବିତ କରିବା ନିମନ୍ତେ ସୁର୍ ଫୁଙ୍କି ଦିଆଯାଉଛି । ସେତେବେଳେ ଆମମାନଙ୍କୁ ସଂସାର ଓ ସଂସାରରେ ଥିବା ବସ୍ତୁର କୌଣସି ଧ୍ୟାନ ରହିଲା ନାହିଁ । ଆମମାନଙ୍କ କାନରେ କେବଳ ଗୋଟି ସ୍ୱର ଗୁଞ୍ଜରିତ ହେଉଥିଲା ଏବଂ ତାହା ହ. ଅବ୍ବାସ୍ ର.ଅଙ୍କ ସ୍ୱର ଓ ହ. ଅବ୍ବାସଙ୍କ ଡାକ ଥିଲା । ସେତେବେଳେ ଆମମାନଙ୍କର ସମସ୍ତ ଦୁର୍ବଳତା ଦଗ୍ରୀଭୂତ ହେବାକୁ ଲାଗିଲା ଓ ଆମମାନଙ୍କ ମଧ୍ୟରେ ଏହା ଭାବନା ଜାଗ୍ରତ ହୋଇଥିଲା ଯେ, ଆମେମାନେ ନିଜର ଅଶ୍ୱ ଓ ଓଟମାନଙ୍କୁ ଅଟକାଇ ପାରିବୁ ନାହିଁ କିମ୍ବା ଆମେମାନେ ଶେଷ ଚେଷ୍ଟା କଲୁ ଏବଂ ଓଟ ତଥା ଅଶ୍ୱମାନଙ୍କୁ ମୋଡ଼ିବାକୁ ଖୁବ୍ ଚେଷ୍ଟା କଲୁ । ତେଣୁ ଯେଉଁ ଓଟ ଏବଂ ଅଶ୍ୱମାନେ ବୁଲି ପାରିଲେ ସେମାନେ ବୁଲିଗଲେ ଏବଂ ଯେଉଁ ଓଟ ତଥା ଅଶ୍ୱମାନେ ବୁଲି ପାରିଲେ ନାହିଁ ସେହି ଓଟ ଓ ଅଶ୍ୱମାନଙ୍କର ଆମେମାନେ ସ୍କନ୍ଧଚ୍ୟୁତ କରିଦେଲୁ । ତପୂରେ ଆମେମାନେ ପାଦରେ ଦଉଡ଼ି ରସୁଲ୍ କରୀମ୍ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲୁ। ଏମାନେ ହେଉଛନ୍ତି ସେହିମାନେ ଯେଉଁମାନେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ସେହି ବିଶ୍ୱାସରୁ ଉପକୃତ ହୋଇଥିଲେ । ସୁତରାଂ ଆଁହଜରତ ସ.ଅଙ୍କ ଯେଭଳି ମର୍ଯ୍ୟାଦା ରହିଥିଲା, ଏହି ମର୍ଯ୍ୟାଦା ଯେପରି ବିପଦାଗ୍ରସ୍ତ ହେଉ ନା କାହିଁକି ଆପଣ ସ.ଅଙ୍କ ଚକ୍ଷୁରୁ ବିପଦ ଅଦୃଶ୍ୟ ହେଉ ନଥିଲା । ଅତଏବ୍ ଉକ୍ତ ମର୍ଯ୍ୟାଦା ସ୍ତର ଅନୁଯାୟୀ ସାହାବାମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିଲା (ଅର୍ଥାତ୍ ଆପଣ ସ.ଅଙ୍କ ସଂସ୍କାର ଅଧୀନ ଓ ଆପଣ ସ.ଅଙ୍କ ସଂସ୍କାର ପ୍ରଭାବରେ) ।"

**(ଉସ୍ୱାଏ ହସନା, ଅନ୍‌ୱାରୁଲ୍ ଉଲୁମ୍, ଭାଗ-17, ପୃ-93-95)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କେ ସହିତ କିଏ କିଏ ଅବିଚଳ ରହିଥିଲେ, ତତ୍‌ସଂକ୍ରାନ୍ତରେ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହୁନୈନ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲି । ମୁସଲମାନମାନେ ପଳାୟନ କଲେ ଏବଂ ଆପଣ ସ.ଅଙ୍କ ପାଖରେ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କ ମଧ୍ୟରୁ କେବଳ 80 ଜଣ ଲୋକ ରହିଯାଇଥିଲେ। ଆମେମାନେ ଅବିଚଳ ରହିଲୁ । ଅର୍ଥାତ୍ ଆମେମାନେ ଅବିଚଳତା ଦେଖାଇଲୁ ଓ ପିଠି ଦେଖାଇ ପଳାୟନ କଲୁ ନାହିଁ । ଏହି ଲୋକମାନେ ହେଉଛନ୍ତି ସେହିମାନେ ଯେଉଁମାନଙ୍କ ଉପରେ ଅଲ୍ଲାଃତାଲା ଶାନ୍ତି ଅବତୀର୍ଣ୍ଣ କଲେ । ରସୁଲ୍ଲାଃ ସ.ଅ ନିଜର ଗଧ ଉପରେ ଉପସ୍ଥିତ ଥିଲେ । ଅର୍ଥାତ୍ ବସିଥିଲେ । ଆପଣ ସ.ଅ ପାଦେ ପଛଘୁଞ୍ଚା ଦେଲେ ନାହିଁ । ଗଧ ଯେତେବେଳେ ଟିକେ ତଳକୁ ଆନତ ହେଲା ସେତେବେଳେ ଆପଣ ସ.ଅ ଗଧ ପୃଷ୍ଠସ୍ଥ ଆସନରୁ ତଳକୁ ଆନତ ହେଲେ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଉପରକୁ ଉଠନ୍ତୁ । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଉଚ୍ଚାସୀନ କରନ୍ତୁ । ଆପଣ ସ.ଅ କହିଲେ, ମୋତେ ମୁଠାଏ ମାଟି ଦିଅ । ତେଣୁ ମୁଁ ଆପଣ ସ.ଅଙ୍କୁ ମୁଠାଏ ମାଟି ଯେତେବେଳେ ଦେଲି ସେତେବେଳେ ଆପଣ ସ.ଅ ମୋ ଠାରୁ ସେହି ମାଟି ନେଲେ ଏବଂ ସେହି ଶତ୍ରୁମାନଙ୍କ ମୁଖମଣ୍ଡଳ ଉପରେ ଫିଙ୍ଗିଦେଲେ । ଶତ୍ରୁ ପକ୍ଷର ଚକ୍ଷୁ ଧୂଳି ଧୂସର ହୋଇଗଲା । ପୁନଶ୍ଚ ଆପଣ ସ.ଅ କହିଲେ, ପ୍ରବାସକାରୀ ଓ ଅନ୍‌ସାରମାନେ କୁହାନ୍ତି ? ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେମାନେ ଏଠାରେ ଉପସ୍ଥିତ ଅଛନ୍ତି । ତେବେ ଆପଣ ସ.ଅ କହିଲେ, ସେମାନଙ୍କୁ ଡାକ ! ମୁଁ ସେମାନଙ୍କୁ ଯେତେବେଳେ ଡାକିଲି ସେମାନେ ସେତେବେଳେ ନିଜର ଖଡ଼୍‌ଗକୁ ଡାହାଣ ହାତରେ ଧରି ଆଁହଜରତ ସ.ଅଙ୍କ ପାଖକୁ ଆସିଲେ ଏବଂ ଅବିଶ୍ୱାସକାରୀମାନେ (ପିଠି ଦେଖାଇ) ପଳାୟନ କଲେ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଲୋକମାନେ ପଳାୟନ କଲେ ଅର୍ଥାତ୍ ମୁସଲମାନମାନଙ୍କର ସୈନ୍ୟବାହିନୀ ମଧ୍ୟରେ ଦଳାଚକଟା ଆରମ୍ଭ ହୋଇଗଲା । ଆପଣ ସ.ଅଙ୍କ ପାଖରେ ପ୍ରାୟ 100 ଜଣ ସଦସ୍ୟ ରହିଗଲେ । ସେତେବେଳେ ଆପଣ ସ.ଅ ଏହି ଦୁଆ କଲେ ଯେ, اَللّٰهُمَّ لَكَ الْحَمْدُ وَاِلَيْكَ الْمُشْتَكٰى وَاَنْتَ الْمُسْتَعَانُ । ଅର୍ଥାତ୍ ହେ ଅଲ୍ଲାଃ ! ସକଳ ପ୍ରଶଂସା ତୁମ୍ଭ ନିମନ୍ତେ ହିଁ ଉଦ୍ଦିଷ୍ଟ ଅଟେ । ଆମ୍ଭେମାନେ ତୁମ୍ଭ ଠାରେ ଅଭିଯୋଗ କରୁଛୁ ଏବଂ ତୁମ୍ଭର ସାହାଯ୍ୟ ପ୍ରାପ୍ତି ନିମନ୍ତେ ତୁମ୍ଭକୁ ହିଁ ଡାକୁଛୁ । ତେବେ ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅଙ୍କ ଉପରେ ସେହି ବାଣୀ ଅବତୀର୍ଣ୍ଣ ହୋଇଛି ଯାହା ହ. ମୁସା ଅ.ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । ଅର୍ଥାତ୍ ହ. ମୁସା ଅ.ସଙ୍କ ଉପରେ ସମୁଦ୍ର ଫାଟିବା ଦିନ ଅଲ୍ଲାଃତାଲା ହ. ମୁସା ଅ.ସଙ୍କୁ ବିଦ୍ୟା ଶିଖାଇଥିଲେ । **(ସବ୍‌ଲୁଲ୍ ହୁଦା ଓ୍ୱର୍ ରଶ୍ଶାଦ୍, ଭାଗ-5, ପୃ-325-327, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ହ. ହାରିସ୍ ବିନ୍ ନୁମାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଲୋକମାନେ ଓଲଟା ପାଦ ଫେରିବାକୁ ଲାଗିଲେ ସେତେବେଳେ ମୁଁ ଜାଣି ପାରିଲି ଯେ, ଆପଣ ସ.ଅଙ୍କ ସହିତ କେବଳ 100 ଜଣ ସଦସ୍ୟ ରହିଯାଇଛନ୍ତି। ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ଦିନ ଅର୍ଥାତ୍ ହୁନୈନ୍ ଯୁଦ୍ଧ ଅବସରରେ ଆପଣ ସ.ଅଙ୍କ ସହିତ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଉସମାନ୍ ର.ଅ, ଓ ହ. ଅଲୀ ର.ଅ ଥିଲେ । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ସାହାବା 10ଟି ଲେଖାଏଁ ପ୍ରହାର କଲେ । ହ. ଇବନେ ମସଉଦ୍ ର.ଅ ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଓ ଅନସାରମାନଙ୍କ ମଧ୍ୟରୁ ହ. ଅବୁ ଦୁଜାନା ର.ଅ, ହାରିସ୍ ବିନ୍ ନୁମାନ୍, ସାଆଦ୍ ବିନ୍ ଉବାଦାହ, ଅବୁ ବଶିର୍, ଉସୈଦ୍ ବିନ୍ ହୁଜୈର୍ ଓ ମକ୍କାବାସୀମାନଙ୍କ ମଧ୍ୟରୁ ଶୈବା ବିନ୍ ଉସମାନ୍ ଆଦି ସାହାବାମାନେ ଅବିଚଳ ରହିଥିଲେ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ମହିଳାମାନଙ୍କ ମଧ୍ୟରୁ ହ. ଉମ୍ମେ ସଲ୍‌ମା ବିନତ୍ ମିଲ୍‌ହାନ୍, ଉମ୍ମେ ଉମ୍ମାରାହ୍ ନସିବା ବିନତ୍ କାଆବ୍, ଉମ୍ମେ ହାରିସ୍, ଉମ୍ମେ ସୁଲୈତ୍ ବିନତ୍ ଉବୈଦ୍ ଆଦି ସାହାବିୟାହ୍ ମଧ୍ୟ ଯୁଦ୍ଧଭୂମିରେ ଉପସ୍ଥିତ ଥିଲେ । **(ସବ୍‌ଲୁଲ୍ ହୁଦା ଓ୍ୱର୍ ରଶ୍ଶାଦ୍, ଭାଗ-5, ପୃ-329-330, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ସାହାବିୟାତ୍‌ମାନଙ୍କ ଅବିଚଳତା ସଂପର୍କରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବି ବକର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହ. ଉମ୍ମେ ସୁଲୈମ୍ ବିନତ୍ ମିଲ୍‌ହାନ୍‌ଙ୍କୁ ଦେଖିଲେ, ସେ ନିଜର ସ୍ୱାମୀ ଅବୁ ତଲହାଙ୍କ ସାଙ୍ଗରେ ଥିଲେ ଏବଂ ସେ ଗର୍ଭବତୀ ଥିଲେ । ଅବୁ ତଲ୍‌ହା ଚିନ୍ତିତ ଓ ଡରୁଥିଲେ ଯେ, ଉମ୍ମେ ସୁଲୈମ୍ ବିନତ୍ ମିଲ୍‌ହାନଙ୍କୁ ଓଟ ତାଙ୍କ ପିଠିକୁ ନିଜ ଉପରୁ ତଳେ ନପକାଇ ଦେଉ । ତେଣୁ ସେ ନିଜ ଓଟର ନାକରେ ବନ୍ଧା ହୋଇଥିବା ଦଉଡ଼ିକୁ ଲଗାମ୍ ଭିତରେ ପକାଇ ଓଟର ମୁଣ୍ଡକୁ ନିଜ ପାଖରେ ରଖିଥିଲେ । ହୁଜୁର ସ.ଅ କହିଲେ, ଉମ୍ମେ ସୁଲୈମ୍ ଅଛନ୍ତି କି? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜ୍ଞା ହଁ ଉମ୍ମେ ସୁଲୈମ୍ ଅଛନ୍ତି । ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ସେହି ମହିଳା ପାଖରେ ଏକ ଛୁରା ରହିଥିଲା । ତେବେ ହ. ଅବୁ ତଲ୍‌ହା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏ ହେଉଛନ୍ତି ଉମ୍ମେ ସୁଲୈମ୍ । ତାଙ୍କ ପାଖରେ ଏକ ଛୁରା ରହିଛି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉମ୍ମେ ସୁଲୈମ୍ ! ଏହି ଛୁରା କେଉଁଥି ପାଇଁ ରଖିଛ? ପ୍ରତ୍ୟୁତ୍ତରରେ ସେ (ଉମ୍ମେ ସୁଲୈମ୍) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ପାଖରେ ଏହି ଛୁରା ଏଇଥି ପାଇଁ ରଖି ନେଇଛି ଅବିଶ୍ୱାସକାରୀଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମୋ ପାଖକୁ ଆସିଲା ତେବେ ମୁଁ ଏହି ଛୁରା ସାହାଯ୍ୟରେ ତା'ର ପେଟକୁ ଚିରିଦେବି। ରସୁଲୁଲ୍ଲାଃ ସ.ଅ ତାଙ୍କ କଥା ଶୁଣି ସ୍ମିତ ହାସ୍ୟ ପ୍ରକାଶ କଲେ (ହସିଲେ) । ହ. ଉମ୍ମେ ସୁଲୈମ୍ ଯେକି ସେତେବେଳେ ଘଡ଼ିସନ୍ଧି ମୁହୂର୍ତ୍ତରେ ନବୀ କରୀମ୍ ସ.ଅଙ୍କ ସହିତ ଥିଲେ । ସେ ସେତେବେଳେ ଏତେ ଦୁଃଖିତ ଓ କ୍ରୋଧିତ ହୋଇଯାଇଥିଲେ ଯେତେବେଳେ ଲୋକମାନେ ନବୀ କରୀମ୍ ସ.ଅଙ୍କୁ ଏକୁଟିଆ ଛାଡ଼ି ପଳାଇଥିଲେ । ଉମ୍ମେ ସୁଲୈମ୍ ଆଁହଜରତ୍ ସ.ଅଙ୍କୁ ଏତେ ଭଲ ପାଉଥିଲେ ଯେ, ଏହି ଭଲ ପାଇବା ଯୋଗୁଁ ସେ ଆପଣ ସ.ଅଙ୍କୁ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ ତୁଲକାମାନେ ସ୍ୱାଧୀନତା ପ୍ରାପ୍ତ କରିଛନ୍ତି ସେମାନଙ୍କର ସଂହାର କରିଦିଆଯାଉ। ତୁଲକା ହେଉଛନ୍ତି ମକ୍କାର ସେହି ବାସୀନ୍ଦାମାନେ ଯେଉଁମାନଙ୍କୁ ହୁଜୁର ସ.ଅ لَا تَثْرِيْبَ عَلَيْكُمُ الْيَوْمَ اِذْهَبُوْا اَنْتُمُ الطُّلَقَاءُ କହି ସେମାନଙ୍କ ଉପରେ ଉପକାର କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ହଜାର ଲୋକ ହୁନୈନ୍ ଯୁଦ୍ଧରେ ସାମିଲ୍ ହେଲେ ଏବଂ ଶତ୍ରୁ ପକ୍ଷର ତୀର ଆଗରେ ତିଷ୍ଠି ନପାରି ପଳାୟନ କଲେ ଏବଂ ଏମାନେ ପୁରୁଣା ସାହାବାମାନଙ୍କୁ ମଧ୍ୟ ପଛକୁ ଠେଲି ଦେବାର କାରଣ ସାଜିଥିଲେ । ତହିଁରେ ଏମାନଙ୍କର ଚର୍ଚ୍ଚା ରହିଛି। ସେ ଯାହା ହେଉ ଆପଣ ଅର୍ଥାତ୍ ଉମ୍ମେ ସୁଲୈମ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ଥାଉ ଥାଉ ଏହି ତୁଲକାମାନେ ଓ ମୁସଲମାନମାନଙ୍କର ପରାଜୟ ଓ ବିପର୍ଯ୍ୟୟ ଘଟିଛି ତେଣୁ ଆପଣ ସ.ଅ ଏମାନଙ୍କର ସଂହାର କରି ଦିଅନ୍ତୁ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉମ୍ମେ ସୁଲୈମ୍ ! ନିଃସନ୍ଦେହ ଅଲ୍ଲାଃତାଲା ଶତ୍ରୁ ବିପକ୍ଷରେ ଯଥେଷ୍ଟ ସହାୟକ ହୁଅନ୍ତୁ ଏବଂ ସେ ହିଁ ଆମମାନଙ୍କ ଉପରେ ନିଜର ଅସୀମ୍ ଉପକାର ସାଧନ କଲେ ।

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମନିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଜଣେ ସାହସୀ ମହିଳା ସାହାବିୟାହ୍ ଅଟନ୍ତି । ତାଙ୍କ ନାମ ହେଲା ହ. ଉମ୍ମେ ଉମ୍ମାରାହ୍ ର.ଅ । ସେ ବର୍ଣ୍ଣନା କରନ୍ତି ଯେ, ହୁନୈନ୍ ଯୁଦ୍ଧ ଦିନ ଯେତେବେଳେ ଲୋକମାନେ ପଳାୟନ କଲେ ସେତେବେଳେ ଆମେମାନେ 4ଜଣ ମହିଳା ଥିଲୁ । ମୋ ପାଖରେ ତୀକ୍ଷ୍ଣ କର୍ତ୍ତନ (କାଟି ପକାଉଥିବା) ଖଡ଼୍‌ଗ ରହିଥିଲା ଓ ଉମ୍ମେ ସୁଲୈମ୍‌ଙ୍କ ପାଖରେ ଏକ ଛୁରା ରହିଥିଲା । ଉମ୍ମେ ସୁଲୈମ୍ ସେହି ଛୁରାକୁ ନିଜ ଅଣ୍ଟାରେ ବାନ୍ଧି ରଖିଥିଲେ ଏବଂ ସେ ଗର୍ଭବତୀ ଥିଲେ । ତାଙ୍କ ବ୍ୟତୀତ ହ. ଉମ୍ମେ ସୁଲୈତ୍ ଓ ଉମ୍ମେ ହାରିସ୍ ମଧ୍ୟ ଉପସ୍ଥିତ ଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉମ୍ମେ ଉମ୍ମାରାହ୍ ର.ଅ ଡାକ ମାରିଲେ ଏବଂ ଉଚ୍ଚ ସ୍ୱରର କହିବାକୁ ଲାଗିଲେ ଯେ, ହେ ଅନ୍‌ସାର୍‌ମାନେ ! ତୁମମାନଙ୍କର ପଳାୟନବାଦୀଙ୍କ ସହିତ କି ସଂପର୍କ ରହିଛି ? ସେ କୁହନ୍ତି ଯେ, ମୁଁ ହୱାଜିନ୍ ସଂପ୍ରଦାୟର ଜନୈକ୍ ବ୍ୟକ୍ତିକୁ ଦେଖିଲି ଯିଏ ଧ୍ୱଜା ଧରି ଗହମ ବର୍ଣ୍ଣର ଓଟ ଉପରେ ଆରୋହଣ ହୋଇଥିଲା । ସେ ମୁସଲମାନମାନଙ୍କ ପଛେ ପଛେ ଦଉଡୁଥିଲା । ମୁଁ ତା' ଆଗରେ ଆସିଲି ଏବଂ ତା' ଓଟର ଗୋଚ୍ଛି ଉପରେ ଏକ ପ୍ରହାର ଯେତେବେଳେ କଲି ସେତେବେଳେ ସେ ନିଜ ବାହନ ସହିତ ନିଜ ପିଠି ଦିଗ ହୋଇ ତଳେ ପଡ଼ିଗଲା। ମୁଁ ସେତେବେଳେ ତା' ଉପରେ ଆକ୍ରମଣ କଲି ଏବଂ ତା' ଉପରେ ସେପର୍ଯ୍ୟନ୍ତ ଖଡ଼୍‌ଗ ଦ୍ୱାରା ଆକ୍ରମଣ କୁରଥିଲି ଯେପର୍ଯ୍ୟନ୍ତ ମୁଁ ତା'କୁ ମୃତ୍ୟୁର ଚିର ନିଦ୍ରାରେ ଶୁଆଇ ଦେଇ ନଥିଲି । ପୁନଶ୍ଚ ମୁଁ ତା'ର ଖଡ଼ଗ ନେଲି ଏବଂ ରସୁଲ୍ କରୀମ୍ ସ.ଅ ନିଜର ଖଡ଼୍‌ଗ ଧରି ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ଅର୍ଥାତ୍ ଆପଣ ସ.ଅ ଯୁଦ୍ଧଭୂମିରେ ଛିଡ଼ା ହୋଇଥିଲେ । ମୁଁ ସେଠାରେ ପହଞ୍ଚିଲି ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କୁ ଡାକୁଥିଲେ ଯେ, ହେ ଅସ୍‌ହାବେ ସୁରାଃ ବକ୍ରାହ୍ ! ସୁତରାଂ ଅନ୍‌ସାର୍‌ମାନେ ଆକ୍ରମଣ କରି ଲେଉଟି ଆସିଲେ ଏବଂ ହୱାଜିନ୍ ସଂପ୍ରଦାୟର ଲୋକମାନେ ସାହାବାମାନଙ୍କ ସମ୍ମୁଖରେ ଏତେ ସମୟ ପର୍ଯ୍ୟନ୍ତ ତିଷ୍ଠିଲେ ଯେତିକି ସମୟ ଏକ ମାଈ ଓଟର କ୍ଷୀର ଦୁହା ଯାଇଥାଏ । ଅର୍ଥାତ୍ ହୱାଜିନ୍ ସଂପ୍ରଦାୟ କିଛି ସମୟ ପର୍ଯ୍ୟନ୍ତ ମୁକାବିଲା କରି ପାରିଲେ । ପୁନଶ୍ଚ ସେହି ଶତ୍ରୁ ପରାଜିତ ହୋଇ ପଳାୟନ କଲା । ଉମ୍ମେ ଉମ୍ମାରାହ୍ ର.ଅ କୁହନ୍ତି ଯେ, ମୁଁ ଶତ୍ରୁର ଏପରି ଲଜ୍ଜାଜନକ ଓ ଶୋଚନୀୟ ପରାଜୟ କେବେ ଦେଖି ନାହିଁ । ସେମାନେ ପ୍ରତ୍ୟେକ ଦିଗରେ ଦିଗମୁହାଁ ହୋଇ ପଳାୟନ କରୁଥିଲେ । ମୋର ପୁଅ ହୁବୈବ୍ ଓ ଅବ୍‌ଦୁଲ୍ଲାଃ ମୋ ପାଖକୁ ଫେରି ଆସିଲେ ଏଭଂ ସେମାନଙ୍କ ହାତ ମୁଠାରେ କେତେକ ବନ୍ଦୀମାନେ ରହିଥିଲେ । **(ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍ ୱସ୍ ସୈର୍ ବାବ୍-ଗଜ୍‌ୱାତୁନ୍ନିସା ମାଆର୍ ରଜୁଲି, ହଦିସ୍ ନଂ-3360, ଅନୁବାଦକ-ନୁର୍ ଫାଉଣ୍ଡେସନ୍, ଭାଗ-9, ପୃ-241-242) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-330-331, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-1395 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (କିତାବୁଲ୍ ମୁଗାଜି, ଅନୁବାଦକ, ଭାଗ-2, ପୃ-316, ମକ୍‌ତବା ରହ୍‌ମାନିୟାହ୍)**

ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ଅବୁ ବଶିର୍ ମାଜିନି ର.ଅ ବର୍ଣ୍ଣନା କରନ୍ତି ଯେ, ହୁନୈନ୍ ଯୁଦ୍ଧ ଦିନ ଆମେମାନେ ସକାଳ ନମାଜ ପାଠ କଲୁ । ପୁନଶ୍ଚ ଆମେମାନେ ସେହି ସ୍ଥାନରେ ପହଞ୍ଚିଲୁ ଯେଉଁଠି ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ଛିଡ଼ା କରିଥିଲେ। ସୂର୍ଯ୍ୟୋଦୟ ହେବା ଖୁବ୍ ନିକଟବର୍ତ୍ତୀ ଥିଲା । ଆମମାନଙ୍କୁ ଜଣା ନଥିଲା ଯେ, ଆମ ଉପେରେ ଏମିତି ସହସା ଆକ୍ରମଣ ହୋଇଯିବ ! ଆମ ସୈନ୍ୟବାହିନୀର ପୂର୍ବଭାଗ (ଅଗ୍ରଭାଗ) ଆମ ଆଡ଼କୁ ଲେଉଟି ଆସିଲା ଏବଂ ସେମାନେ ପରାଜିତ ହୋଇ ସାରିଥିଲେ । ଆମମାନଙ୍କର ଧାଡ଼ି ସବୁ ମିଶାମିଶି ହୋଇଗଲା ଏବଂ ଆମେମାନେ ସୈନ୍ୟବାହିନୀର ପୂର୍ବଭାଗ ସମେତ ପରାଜିତ ହେଲୁ । ମୁଁ ପାଲଟି ଆଗକୁ ଅଗ୍ରସର ହେଲି । ମୁଁ ଯୁବକଟିଏ ଥିଲି । ମୋତେ ଏହା ଜ୍ଞାତ ହେଲା ଯେ, ରସୁଲୁଲ୍ଲାଃ ସ.ଅ ସୈନ୍ୟବାହିନୀର ପୂର୍ବ ଭାଗରେ ଅଛନ୍ତି । ମୁଁ କହିବାକୁ ଲାଗିଲି ଯେ, ହେ ଅନ୍‌ସାର୍‌ମାନେ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ତୁମେମାନେ କେଉଁଠି ଲେଉଟି ପଳାଉଛ ? ସେ ଡାକ ମାରିଲେ । ମୁଁ ପରାଜିତ୍ ଲୋକମାନଙ୍କୁ ପଛକୁ ବୁଲାଉଥିଲି । ମୋର ଉଦ୍ୟମ କେବଳ ଆଁହଜରତ ସ.ଅଙ୍କୁ ସକୁଶଳ ଦେଖିବା ଥିଲା । ଏପର୍ଯ୍ୟନ୍ତକି ମୁଁ ରସୁଲୁଲ୍ଲାଃ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲି, ଆପଣ ସ.ଅ କହୁଥିଲେ ଯେ, ହେ ଅନ୍‌ସାରମାନେ ! ହେ ଅନସାରମାନେ ! ମୁଁ ଆଁହଜରତ ସ.ଅଙ୍କ ବାହନ ପାଖକୁ ଗଲି ଏବଂ ମୁଁ ପଛରେ ଦେଖିଲି ଯେ, ଅନ୍‌ସାରମାନେ ତୁରନ୍ତ ପଛକୁ ଫେରୁଥିଲେ ଓ ରସୁଲ୍ କରୀମ୍ ସ.ଅ ଶତ୍ରୁ ସମ୍ମୁଖରେ ଛିଡ଼ା ହୋଇଥିଲେ । ଅନ୍‌ସାରମାନେ ରସୁଲ୍ କରୀମ୍ ସ.ଅଙ୍କ ସମ୍ମୁଖରେ ଯୁଦ୍ଧ କରିବାକୁ ଲାଗିଲେ ଏବଂ ରସୁଲ୍ କରୀମ୍ ସ.ଅ ସେମାନଙ୍କ ସହିତ ଥିଲେ । ତେଣୁ ଅନ୍‌ସାର୍‌ମାନେ ଶତ୍ରୁମାନଙ୍କୁ ଦୂରେଇ ଦେଉଥିଲେ। ଏପର୍ଯ୍ୟନ୍ତକି ଆମେମାନେ ସେମାନଙ୍କୁ ଫର୍ସଖ ଅର୍ଥାତ୍ ତିନି ମାଇଲ୍ ଦୂରକୁ ଠେଲି ଦେଲୁ। ସେମାନେ ଘାଟିରେ ଖେଳେଇ ହୋଇଗଲେ ଏପର୍ଯ୍ୟନ୍ତକି ସେମାନେ ଆମମାନଙ୍କ ସମ୍ମୁଖରେ ପରାଜିତ ହେଲେ । ପୁନଶ୍ଚ ରସୁଲ୍ କରୀମ୍ ସ.ଅ ନିଜର ଶିବିରି ଆଡ଼କୁ ଫେରିଗଲେ ଏବଂ ବନ୍ଦୀମାନେ ଆପଣ ସ.ଅଙ୍କ ଆଖପାଖରେ ବନ୍ଧା ହୋଇଥିଲେ ଗୋଟିଏ ଗୋଷ୍ଠୀ (ଦଳେ ଲୋକ) ଆପଣ ସ.ଅଙ୍କ ଶିବିରର ଆଖପାଖରେ ଥିଲା ଏବଂ ଆପଣ ସ.ଅଙ୍କ ସାଥିରେ ଆପଣ ସ.ଅଙ୍କ ଦୁଇ ପତ୍ନି ହ. ଉମ୍ମେ ସଲ୍‌ମା ର.ଅ ଏବଂ ହ. ଜୈନବ୍ ର.ଅ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ହ. ଉମ୍ମେ ସଲ୍‌ମା ଓ ହ. ମୈମୁନା ର.ଅଙ୍କ ଚର୍ଚ୍ଚା ମିଳେ । ଏମାନଙ୍କ ଆଖପାଖରେ ସେହି ଲୋକମାନଙ୍କର ଦଳ ଥିଲା ଯେଉଁମାନେ ରସୁଲ୍ କରୀମ୍ ସ.ଅଙ୍କ ସକାଶେ ପ୍ରହରା ଦେଉଥିଲେ । ସେହି ପ୍ରହରା ଦେଉଥିଲା ସାହାବାମାନେ ହେଲେ, ଅବାଦ୍ ବିନ୍ ବିଶର୍, ଅବୁ ନାଏଲାହ୍ ଓ ମୁହମ୍ମଦ୍ ବିନ୍ ମସ୍‌ଲମା ଇତ୍ୟାଦି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଉକ୍‌ବା ବର୍ଣ୍ଣନା କରନ୍ତି ଯେ, ଜନୈକ (ଜଣେ) କୁରୈଶୀୟ ବ୍ୟକ୍ତି ସଫ୍‌ୱାନ୍ ବିନ୍ ଉମୈୟାହ୍ ପାଖ ଦେଇ ଅତିକ୍ରମ କଲା । (ଉକ୍ତ ବ୍ୟକ୍ତି ଜଣକ ଏପର୍ଯ୍ୟନ୍ତ ଅବିଶ୍ୱାସକାରୀ ଥିଲା ଏବଂ ହୁନୈନ୍ ଯୁଦ୍ଧର ଦର୍ଶକ ସାଜି ମୁସଲମାନମାନଙ୍କ ସହିତ ଆସିଥିଲା) ଏବଂ ସେ କହିଲା, ହେ ଇବ୍‌ନେ ଉକବା ! ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ଯେ, ମୁହମ୍ମଦ୍ ସ.ଅ ଏବଂ ଆପଣ ସ.ଅଙ୍କର ସାହାବାମାନେ ପରାସ୍ତ ହୋଇଛନ୍ତି । ଅର୍ଥାତ୍ ପ୍ରଥମେ ଯେଉଁ ଆକ୍ରମଣ ହେଲା ସେହି କାରଣରୁ ସେ ଏହି ପରାଜୟର ସୂଚନା ଦେଲା ଏବଂ ପୁନଶ୍ଚ ସେହି ଅବିଶ୍ୱାସକାରୀ କହିବାକୁ ଲାଗିଲା ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ସେମାନେ ଅର୍ଥାତ୍ ମୁସଲମାନମାନେ ବର୍ତ୍ତମାନ ଆଉ କେବେ ବି ପୂର୍ବାବସ୍ଥାକୁ ଫେରି ପାରିବେ ନାହିଁ । ଅର୍ଥାତ୍ ବର୍ତ୍ତମାନ ସେମାନଙ୍କୁ ଆଉ ବିଜୟ ପ୍ରାପ୍ତ ହୋଇ ପାରିବ ନାହିଁ। ତେଣୁ ସଫ୍‌ୱାନ୍ କହିଲା, ହେ ଇବ୍‌ନେ ଉକ୍‌ବା ! ତୁ ମୋତେ ଆଦିବାସୀ ମଫ୍‌ସଲ ଲୋକମାନଙ୍କର ବିଜୟର ସୂଚନା ପ୍ରଦାନ କରୁଛୁ । ମୁଁ ଅଲ୍ଲାଃତାଲାଙ୍କର ରାଣ ଖାଇ କହୁଛି ! ଜଣେ କୁରୈଶୀୟ ବ୍ୟକ୍ତିର ଅଧିପତି ହେବା ମୋତେ ମଫ୍‌ସଲ ଆଦିବାସୀ ବ୍ୟକ୍ତିର ଅଧିପତି ହେବାଠାରୁ ଅଧିକ ଶ୍ରେୟସ୍କର ଅଟେ । ସଫ୍‌ୱାନ୍ ଉକ୍ତ କଥା ଶୁଣି କ୍ରୋଧିତ ହୋଇ ଉଠିଲା । ଇବ୍‌ନେ ଉକ୍‌ବା ଯେତେବେଳେ ଶତ୍ରୁର କଥା ଶୁଣିଲେ ସେତେବେଳେ ସେ ନିଜର ଜଣେ ଦାସକୁ ଖବର ଆଣିବା ନିମନ୍ତେ ପ୍ରେରଣ କଲେ ଏବଂ କହିଲେ, ହେ ଦାସ ! ତୁମେ ମୋ କଥା ଧ୍ୟାନପୂର୍ବକ ଶୁଣ । ଏହି ଯେଉଁ କବିତା ଶୁଭୁଛି ତାହା କେଉଁ କିବାତର ସ୍ୱର ଅଟେ ? କାରଣ ସେତେବେଳେ ଶ୍ଳୋଗାନ୍ ସ୍ୱର ମଧ୍ୟ ଆରମ୍ଭ ହୋଇଯାଇଥିଲା । ଇବନେ୍ ଉକବା ପୁଣି ତା' ପାଖକୁ ଗଲେ ଏବଂ କହିଲେ, ମୁଁ ତାଙ୍କୁ ଏହି କଥା କହୁଥିବା ଶୁଣିଲି ଯେ, ହେ ଅବ୍‌ଦୁର୍ ରହମାନ ! ହେ ବନୁ ଉବୈଦୁଲ୍ଲାଃ ! ହେ ବନୁ ଅବ୍‌ଦୁଲ୍ଲାଃ ! ସେ କହିଲା, ମୁହମ୍ମଦ ସ.ଅ ଜୟଯୁକ୍ତ ହୋଇଛନ୍ତି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-318-320, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-260, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧରେ ରସୁଲ୍ କରୀମ୍ ସ.ଅଙ୍କ ଅବିଶ୍ୱାସକାରୀମାନଙ୍କ ଉପରେ ଗୋଡ଼ି (ଛୋଟ ଛୋଟ ପଥର ଖଣ୍ଡ) ଫିଙ୍ଗିବା ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେପରି ପୂର୍ବେ ଚର୍ଚ୍ଚା ହୋଇଛି । ଆପଣ ସ.ଅ କହିଥିଲେ ଯେ, ହେ ସାହାବାମାନେ ମୋତେ ଟିକେ ମାଟି ଦିଅ । ମୁଁ ତାହାକୁ ଅବିଶ୍ୱାସକାରୀମାନଙ୍କ ଉପରକୁ ଫଙ୍ଗିବି । ଉକ୍ତ ଘଟଣାର ଅତିରିକ୍ତ ବିବରଣୀ ଏକ ସ୍ଥାନରେ ଏହିପରି ଉଲ୍ଲିଖିତ ହୋଇଛି ଯେ, ସାହାବାମାନଙ୍କ ପଛକୁ ବୁଲିବା ସମୟରେ ଯୁଦ୍ଧ ନିଜର ଚରମ ସୀମାରେ ରହିଥିଲା ସେତେବେଳେ ରସୁଲ୍ କରୀମ୍ ସ.ଅ ଟିକେ ଉପରକୁ ଉଠି ଯୁଦ୍ଧର ଦୃଶ୍ୟ ଦେଖିଲେ ଏବଂ ଆପଣ ସ.ଅ ନିଜର ଗଧ ଉପରେ ଆରୋହଣ ହୋଇଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ, ଯୁଦ୍ଧ ଚରମ ସୀମାରେ ରହିଛି । ବର୍ଣ୍ଣନାକାରୀ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଛୋଟ ଛୋଟ ଗୋଡ଼ି ପଥର ନିଜ ହାତ ମୁଠାରେ ଧରିଲେ ଏବଂ ତାହାକୁ ଅବିଶ୍ୱାସକାରୀମାନଙ୍କ ମୁଖ ଉପରେ ଫିଙ୍ଗିଦେଲେ । ଆପଣ ସ.ଅ ପୁନଶ୍ଚ କହିଲେ, ମୁଁ ମୁହମ୍ମଦ ସ.ଅଙ୍କ ଈଶ୍ୱରଙ୍କ ଶପଥ କରି କହୁଛି ! ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ, ମୁଁ କାଆବାର ଈଶ୍ୱରଙ୍କ ଶପଥ କରି କହୁଛି ! ଏହି ଲୋକମାନେ (ଅବିଶ୍ୱାସକାରୀମାନେ) ପରାସ୍ତ ହୋଇଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ବାସ୍ ର.ଅ କୁହନ୍ତି ଯେ, ମୁଁ ଦେଖିବାକୁ ଲାଗିଲି ଯେ, ଯୁଦ୍ଧ ସେହିପରି ଜାରି ରହିଛି ଯେପରି ମୁଁ ଦେଖିଥିଲି । ସେ କୁହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ଆଁହଜରତ ସ.ଅ ଯେମିତି ଅବିଶ୍ୱାସକାରୀମାନଙ୍କ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ମୁଖ ଆଡ଼କୁ ଛୋଟ ଛୋଟ ଗୋଡ଼ିମାଟି ଫିଙ୍ଗିଲେ ସେମିତି ସେମାନେ ଶିଥିଳ ହେବାକୁ ଲାଗିଲେ । ଅର୍ଥାତ୍ ଶତ୍ରୁର ଆକ୍ରମଣ ଯେତେବେଳେ ଦୁର୍ବଳ ହେବାକୁ ଲାଗିଲା ସେତେବେଳେ ଶତ୍ରୁର ଯୋଜନା ଓଲଟା ସେମାନଙ୍କ ଉପରେ ଲେଉଟି ପଡ଼ିଲା । ଅର୍ଥାତ୍ ଶତ୍ରୁ ପକ୍ଷ ପରାଜିତ ହେବାକୁ ଲାଗିଲା । **(ସହି ମୁସଲିମ୍ କିତାବୁଲ୍ ଜିହାଦ୍ ୱସ୍ ସୈର୍ ବାବ୍-ଗଜ୍‌ୱା ହୁନୈନ୍, ହଦିସ୍ ନଂ-1175)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହାର ଅତିରିକ୍ତ ବିବରଣୀ ଏହିପରି ମିଳେ ଯେ, ରସୁଲ୍ କରୀମ୍ ସ.ଅ ଉଭୟ ପାର୍ଶ୍ୱରେ ଥିବା ପାଦ ଧାରୀଣ (ଷ୍ଟାଣ୍ଡ) ଉପରେ ପାଦ ରଖି ଛିଡ଼ା ହୋଇଗଲେ ଏବଂ ଆପଣ ସ.ଅ ନିଜର ଗଧ ଉପରେ ଆରୋହଣ ହୋଇଥିଲେ। ଆପଣ ସ.ଅ ନିଜର ହାତ ଉଠାଇ ଦୁଆ କରି କହିବାକୁ ଲାଗିଲେ ଯେ, اَللّٰهُمَّ اِنِّیْۤ اَنْشُدُكَ مَا وَعَدْتَنِیْ اَللّٰهُمَّ لَا يَنْبَغِیْ لَهُمْ اَنْ يَّظْهَرُوْا عَلَيْنَا ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ମୋ ସହିତ ଯେଉଁ ଅଙ୍ଗୀକାର କରିଛ ମୁଁ ତୁମ୍ଭଙ୍କୁ ସେହି ଅଙ୍ଗୀକାରର ଦ୍ୱାହି ଦେଇ କହୁଛି । ହେ ଅଲ୍ଲାଃ ଏହା ଉଚିତ୍ ହେବ ନାହିଁ ଯେ, ସେମାନେ ଆମମାନଙ୍କୁ ପରାହତ (ପରାସ୍ତ) କରିଦେବେ ଓ ଆମମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିନେବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ୟଜିଦ୍ ବିନ୍ ଆମିର୍ ସୁୱାଇ ବର୍ଣ୍ଣନା କରନ୍ତି ଯେ, ସେ ହୁନୈନ୍ ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କ ସହିତ ଉପସ୍ଥିତ ଥିଲେ ଏବଂ ପରେ ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହୁନୈନ୍ ଯୁଦ୍ଧ ଅବସରରେ ଭୂମିରୁ ମୁଠାଏ ମାଟି ନେଲେ । ପୁନଶ୍ଚ ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କ ଆଡ଼କୁ ମୁହଁ କରି ସେହି ମାଟିକୁ ସେମାନଙ୍କ ଚେହେରା ଆଡକୁ ଫିଙ୍ଗିଦିଲେ ଏବଂ ଆପଣ ସ.ଅ କହିଲେ, ହେ ଅବିଶ୍ୱାସକାରୀମାନେ ! ତୁମେମାନେ ଫେରିଯାଅ ଓ ମୁଖମଣ୍ଡଳ କଳା ହୋଇଗଲା। ଯେଉଁ ବ୍ୟକ୍ତି ନିଜର ଭାଇକୁ ସାକ୍ଷାତ୍ କରୁଥିଲା ସେ ନିଜର ଚକ୍ଷୁରେ ଏକ ଚୁଭିବା ଭଳି ସମସ୍ୟାର ଅଭିଯୋଗ କରିବାକୁ ଲାଗୁଥିଲା ଏବଂ ନିଜର ଆଖିକୁ ମଳୁଥିଲା । ଅର୍ଥାତ୍ ଶତ୍ରୁର ଚକ୍ଷୁରେ ଜଳାପୋଡ଼ା ଆରମ୍ଭ ହୋଇଗଲା । ସେତେବେଳେ ଆଁହଜରତ ସ.ଅ ଦୁଲ୍‌ଦୁଲ୍ ନାମକ ଗଧ ଉପରେ ଆରୋହଣ ହୋଇଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-322-324, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-155, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୈବା ବିନ୍ ଉସ୍‌ମାନ୍ ନାମକ ଜଣେ କୁରୈଶୀୟ ସମ୍ମାନିତ ବ୍ୟକ୍ତି ଥିଲା । ତା'ର ପିତା ଉସ୍‌ମାନ୍ ବିନ୍ ତଲ୍‌ହା ୱହୋଦ୍ ଯୁଦ୍ଧରେ ବଧ ହୋଇଥିଲା । ଏହି ବ୍ୟକ୍ତି ଜଣକ ମକ୍କାରୁ ହୁନୈନ୍ ଯୁଦ୍ଧ ଅବସରରେ ସୈନ୍ୟବାହିନୀରେ ସାମିଲ୍ ହୋଇଥିଲା । କେତେକ ଇତିହାସବିତ୍‌ଙ୍କ ମତେର ଉକ୍ତ ବ୍ୟକ୍ତି ଜଣକ ମକ୍କା ବିଜୟ ଅବସରରେ ମୁସଲମାନ ହୋଇଯାଇଥିଲା । ସେହି ବ୍ୟକ୍ତି ଜଣକ ନିଜେ ବର୍ଣ୍ଣନା କରେ ଯେ, ମୁଁ ହୁନୈନ୍ ଯୁଦ୍ଧରେ ଏହି ଉଦ୍ଦେଶ୍ୟ ନେଇ ସାମିଲ୍ ହୋଇଥିଲି ଯେ, ଯେତେବେଳେ ବି ମୋତେ ସୁଯୋଗ ମିଳିବ ସେତେବେଳେ ମୁଁ ମୋ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବି (ଅର୍ଥାତ୍ ସେତେବେଳେ ସେ ମୁସଲମାନ ହୋଇ ନଥିଲା)। ମୁଁ ମୋ ପିତାଙ୍କ ହତ୍ୟାର ପ୍ରତିଶୋଧ ଅବଶ୍ୟ ମୁହମ୍ମଦ୍ ସ.ଅଙ୍କୁ ମାରି ନାଉଜୁବିଲ୍ଲାଃ ନେବି ଓ ନିଜର କଲିଜାକୁ ଥଣ୍ଡା କରିବି । ସେହି ବ୍ୟକ୍ତିକୁ ଇସ୍‌ଲାମ୍ ଧର୍ମ ସହିତ ଏତେ ଶତ୍ରୁତା ଥିଲା ଓ ତା' ଶତ୍ରୁତାର ଏହି ଅବସ୍ଥା ଥିଲା ଯେ, ସେ ଏହା କହୁଥିଲା କି ଯଦି ସମସ୍ତ ଆରବ୍ୟମାନେ ଏବଂ ଅଣଆରବ୍ୟମାନେ ମୁହମ୍ମଦ୍ ସ.ଅଙ୍କ କଲ୍‌ମା ପଢି ନିଅନ୍ତି ତେବେ ମୁଁ ମୁହମ୍ମଦ୍ ସ.ଅଙ୍କୁ ଅନୁକରଣ କରିବି ନାହିଁ । ଅତଏବ୍ ଶୈବା ଯେତେବେଳେ ଏହା ଲକ୍ଷ୍ୟ କଲା ଯେ, ମୁସଲମାନମାନେ ଯୁଦ୍ଧ ଭୂମିରୁ ପଳାୟନ କରିଛନ୍ତି ଏବଂ ମୁହମ୍ମଦ୍ ସ.ଅ କିଛି ଲୋକମାନଙ୍କ ମଝିରେ ରହିଯାଇଛନ୍ତି ତେବେ ସେ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ଏହି ସୁଯୋଗ ଦେଖିଲି ସେତେବେଳେ ମୁଁ ଏହା ଭାବିଲି ଯେ, ମୋ ପାଇଁ ଏହା ହେଉଛି ସର୍ବୋତ୍ତମ ସୁଯୋଗ । ଅର୍ଥାତ୍ ନାଉଜୁବିଲ୍ଲାଃ ବର୍ତ୍ତମାନ ମୁଁ ଆପଣ ସ.ଅଙ୍କୁ ହତ୍ୟା କରିପାରିବି । ସେ (ଶୈବା) କୁହନ୍ତି ଯେ, ମୁଁ ଆପଣ ସ.ଅଙ୍କ ଡାହାଣ ପାର୍ଶ୍ୱରୁ ଆକ୍ରମଣ କରିବା ନିମନ୍ତେ ଆଗକୁ ଅଗ୍ରସର ଯେତେବେଳେ ହେଲି ସେତେବେଳେ ମୁଁ ସେଠାରେ ଆପଣ ସ.ଅଙ୍କ ଚଚା ଅବ୍‌ବାସଙ୍କୁ ଛିଡ଼ା ହୋଇଥିବାର ଦେଖିଲି । ତେଣୁ ମୁଁ ଭାବିଲି ଯେ, ମୁଁ ଅବ୍‌ବାସଙ୍କ ଉପସ୍ଥିତିରେ ଆଁହଜରତ ସ.ଅଙ୍କ ଉପରେ ଆକ୍ରମଣ କରିପାରିବି ନାହିଁ । ଏହା ସମ୍ଭବପର ନୁହେଁ। ତେଣୁ ମୁଁ ସେପଟୁ ଫେରିଲି ଅର୍ଥାତ୍ ବୁଲି ବାମ ପାର୍ଶ୍ୱରେ ଯେତେବେଳେ ଆସିଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ଅବୁ ସୁଫିୟାନ୍ ବିନ୍ ହାରିସ୍ ଛିଡ଼ା ହୋଇଛନ୍ତି । ତେଣୁ ମୁଁ ସେଠାରୁ ଫେରି ଆସିଲି ଏବଂ ପୁନଶ୍ଚ ଆପଣ ସ.ଅଙ୍କ ପଛ ଆଡକୁ ଗଲି । ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବାକୁ ଚାହିଁଲି । ଅତଏବ୍ ମୁଁ ଆକ୍ରମଣ ଉଦ୍ଦେଶ୍ୟ ନେଇ ଯେତେବେଳେ ଆଗକୁ ଅଗ୍ରସର ହେଲି ସେତେବେଳେ ମୁଁ ନିଜ ଚକ୍ଷୁ (ଆଖି) ଉପରେ ହାତ ରଖି ଓଲଟା ପାଦରେ ଦ୍ରୁତ ଗତିର ପଛକୁ ବୁଲିଗଲି। ପରବର୍ତ୍ତୀ ସମୟରେ ସେ ବର୍ଣ୍ଣନା କରୁଥିଲେ ଯେ, ଠିକ୍ ସେତିକିବେଳେ ମୋତେ ନିଆଁ ଉଠୁଥିବାର ଦୃଶ୍ୟମାନ ହେଲା ଏବଂ ଏପରି ଲାଗିଲା ଯେ,ନିଆଁର ଉତ୍ତାପ ମୋତେ ଜାଳିପୋଡ଼ି ଭସ୍ମୀଭୂତ (ପାଉଁଶ) କରିଦେବେ । ଇତି ମଧ୍ୟରେ ଆଁହଜରତ ସ.ଅ ଡାକ ମାରିଲେ ଯେ, ହେ ଶୈବା ! ତୁମେ ମୋ ପାଖକୁ ଆସ । ଆପଣ ସ.ଅ ଜାଣିନେଲେ ଯେ, ଶୈବା ପଛରେ ଛିଡ଼ା ହୋଇଥିଲା । ଶୈବା କୁହନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ପାଖକୁ ଗଲି । ଆପଣ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ମୋ ଛାତି ଉପରେ ନିଜର ପବିତ୍ର କର (ହାତ) ସ୍ପର୍ଶ କରି ଦୁଆ କଲେ ଯେ, اَللّٰهُمَّ اذْهَبْ عَنْهُ الشَّيْطَانَ ଅର୍ଥାତ୍ ହେ ଅଲ୍ଲାଃ ! ଶୈବା ଠାରୁ ସୈତାନ୍‌କୁ ଦୂରେଇ ଦିଅ। ଶୈବା କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋତେ ଆଁହଜରତ ସ.ଅ ସେହି ସମୟରେ ହିଁ ମୋର କାନ, ମୋର ଆଖି, ମୋର ପ୍ରାଣ ଅପେକ୍ଷା ଅଧିକ ପ୍ରିୟ ବୋଲି ମୋତେ ଲାଗିଲେ ଓ ମୋର ହୃଦୟ ନିର୍ମଳ ହଇଗଲା । ରସୁଲୁଲ୍ଲାଃ ସ.ଅ ଶୈବାକୁ କହିଲେ, ହେ ଶୈବା! ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କର । ସେ ବର୍ଣ୍ଣନା କରନ୍ତି ଯେ, ମୁଁ ବର୍ତ୍ତମାନ ମୁହମ୍ମଦ ସ.ଅଙ୍କ ସପକ୍ଷରେ ଖଡ଼୍‌ଗ ଧରି ଆଗକୁ ଅଗ୍ରସର ହେଲି ଓ ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମରେ ଏପରି ଯୁଦ୍ଧ କରିବାକୁ ଲାଗିଲି ଯେ, ଯଦି ମୋର ପିତାଶ୍ରୀ ଜୀବିତ ମୋ ସମ୍ମୁଖରେ ଥାଆନ୍ତେ, ସେ ମୋ ସମ୍ମୁଖକୁ ବି ଯଦି ଆସନ୍ତେ ତେବେ ମଧ୍ୟ ମୁଁ ମୋ ପିତାଙ୍କର ସଂହାର କରିଦେଇ ଥାଆନ୍ତି । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-256-258, ବଜ୍‌ମେ ଇକ୍‌ବାଲ୍ ଲାହୋର) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ- ଅଲ୍ଲାମା ଅଲୀ ବୁର୍‌ହାନ୍ ହଲବି, ଅନୁବାଦକ, ପୃ-639, ମକତବା ଦାରୁଲ୍ ଇଶାଅତ୍ କରାଚୀ)(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-272, ଦାରୁସ୍ ସଲାମ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାକୁ ହ. ମୁସଲେହ୍ ମଉଦ୍ ର.ଅ ନିଜସ୍ୱ ଶୈଳୀରେ ବର୍ଣ୍ଣନା କରିଛନ୍ତି ଯେ, "ରସୁଲ୍ କରୀମ୍ ସ.ଅଙ୍କ ସଂପର୍କରେ ଏକ ଘଟଣା ରହିଛି ଯେ, ଜଣେ ବ୍ୟକ୍ତି ପ୍ରକାଶ୍ୟ ରୂପେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ସେ ହୁନୈନ୍ ଯୁଦ୍ଧରେ ସାମିଲ୍ ହେଲା । କିନ୍ତୁ ତା'ର ଏହି ଉଦ୍ଦେଶ୍ୟ ଥିଲା କି ଯେତେବେଳେ ଦୁଇ ସୈନ୍ୟବାହିନୀ ପରସ୍ପର ମଧ୍ୟରେ ମୁହାଁମୁହିଁ ହେବେ ସେତେବେଳେ ମୁଁ (ଅର୍ଥାତ୍ ସେହି ପ୍ରକାଶ୍ୟ ରୂପେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିବା ବ୍ୟକ୍ତି) ରସୁଲ୍ କରୀମ୍ ସ.ଅଙ୍କୁ ହତ୍ୟା କରିଦେବି । ଯେତେବେଳେ ଯୁଦ୍ଧ ତୀବ୍ରତର (ଘମାଘୋଡ଼)ହେଲା ସେତେବେଳେ ସେହି ବ୍ୟକ୍ତିକ ଜଣକ ଖଡ଼୍‌ଗୋତ୍ତୋଳନ (ଖଡ଼୍‌ଗ ବାହାର) କରିନେଲା । ରସୁଲ୍ କରୀମ୍ ସ.ଅ ସେତେବେଳେ ଏକୁଟିଆ ଥିଲେ । ଆପଣ ସ.ଅଙ୍କ ପାଖରେ କେବଳ ହ. ଅବ୍‌ବାସ୍ ର.ଅ ଥିଲେ । ସେହି ବ୍ୟକ୍ତି ଜଣକ ସମୟକୁ ମୂଲ୍ୟବାନ୍ ମନେକରି ଆଗକୁ ଅଗ୍ରସର ହୋଇ ଆଁହଜରତ ସ.ଅଙ୍କ ଉପରେ ପ୍ରହାର କରିବାକୁ ଚାହିଁଲା । ଈଶ୍ୱର ରସୁଲ୍ କରୀମ୍ ସ.ଅଙ୍କୁ ଐଶୀବାଣୀ କରି କହିଦେଲେ ଯେ, ହେ ମୁହମ୍ମଦ୍ ! ସେହି ବ୍ୟକ୍ତି ମଧ୍ୟରେ କପଟତା ଏବଂ ଛଳନା ଓ ଶତ୍ରୁତା ରହିଛି। ସେହି ବ୍ୟକ୍ତି ସ୍ୱୟଂ ଚର୍ଚ୍ଚା କଲା ଯେ, ମୁଁ ଆପଣଙ୍କ ଆଡ଼କୁ ଅଗ୍ରସର ହେଲି ଏବଂ ମୁଁ ଏହା ଭାବୁଥିଲି ଯେ, ବର୍ତ୍ତମାନ ମୋର ଖଡ଼୍‌ଗ ଆପଣ ସ.ଅଙ୍କ ସ୍କନ୍ଧଚ୍ୟୁତ କରିଦେବ। କିନ୍ତୁ ଯେତେବେଳେ ମୁଁ ଆପଣ ସ.ଅଙ୍କ ପାଖରେ ପହଞ୍ଚିଲି ସେତେବେଳେ ଆପଣ ସ.ଅ ନିଜର ପବିତ୍ର ମୋ ଆଡ଼କୁ ବଢାଇଲେ ଓ ମୋ ଛାତି ଉପରେ ନିଜର ପବିତ୍ର ହାତ ରଖି କହିଲେ, ବସ୍ ! ଈଶ୍ୱର ତୁମକୁ ସୈତାନିକ ଚିନ୍ତାଧାରରୁ ମୁକ୍ତି ପ୍ରଦାନ କରନ୍ତୁ ଓ ସୈତାନ୍‌ର ଦ୍ୱେଷାଭାବକୁ ତୁମ ଠାରୁ ଦୂର କରିଦିଅନ୍ତୁ । ସେହି ବ୍ୟକ୍ତି କୁହିଲା କି ମୋତେ ସହସା ଏହା ଅନୁଭୂତ ହେଲା ଯେ, ଆପଣ ସ.ଅଙ୍କ ଠାରୁ ଅଧିକ ପ୍ରିୟ ବସ୍ତୁ ଏହି ସଂସାରରେ ଆଉ କିଛି ନାହିଁ । ଏତଦ୍‌ପରେ ଆଁହଜରତ ସ.ଅ କହିଲେ, ବସ୍ ! ଆଗକୁ ଅଗ୍ରସର ହୁଅ ଏବଂ ଯୁଦ୍ଧ କର । ମୁଁ ଖଡ଼୍‌ଗ ଧରିଲି ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ବର୍ତ୍ତମାନ ମୋର ପିତାଶ୍ରୀ ଜୀବିତ ଥାଆନ୍ତେ ଏବଂ ସେ ମୋ ସାମ୍ନାରେ ଆସି ଯାଆନ୍ତେ ତେବେ ମୁଁ ନିଜର ଖଡ଼୍‌ଗ ତାହାଙ୍କ ଛାତିରେ ଭୂସି ଦେଇ ଥାଆନ୍ତି । ମୁଁ ତହିଁରୁ କଦାପି ପଶ୍ଚାତ୍‌ପଦ ହୋଇ ନଥାଆନ୍ତି ଯେ, ସେ ମୋର ପିତା ଅଟନ୍ତି । ଅତଏବ୍ ଏହା ହେଉଛି ଆଁହଜରତ ସ.ଅଙ୍କ ପ୍ରତି ସେହି ଅନାବିଳ ପ୍ରେମ ଯାହାକି ଜଣେ ଶତ୍ରୁ ମନରୁ ଶତ୍ରୁତାକୁ ଦୂର କରିଦେଲା । ଅର୍ଥାତ୍ ଆଁହଜରତ୍ ସ.ଅଙ୍କର ଯେଉଁ ପ୍ରେମ ରହିଥିଲା ତାହା ଶତ୍ରୁତାକୁ ସମାପ୍ତ କରିଦେଲେ ।" **(ଭୈରା ଭୂମିରେ ଏକ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଭାଷଣ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-22, ପୃ-114)**

ଯୁଦ୍ଧ ସମାପ୍ତ ହେବା ପରେ ଆଁହଜରତ ସ.ଅ ନିଜର ଶିବିର ମଧ୍ୟରେ ବିରାଜମାନ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଥିଲେ । ଶୈବା ବିନ୍ ଉସ୍ମାନ୍ ନବୀ କରୀମ୍ ସ.ଅଙ୍କ ଦର୍ଶନ ଓ ସାକ୍ଷାତ୍ କରିବା ନିମନ୍ତେ ଉପସ୍ଥିତ ହେଲା । ରସୁଲୁଲ୍ଲାଃ ସ.ଅ ତାଙ୍କୁ କହିଲେ, ହେ ଶୈବା ! ତୁମେ ସେତେବେଳେ ଯାହାକିଛି ଭାବୁଥିଲେ ତାହା ଅପେକ୍ଷା ଏହା ହେଉଛି ସର୍ବୋତ୍ତମ, ଅର୍ଥାତ୍ ବର୍ତ୍ତମାନ ଅଲ୍ଲାଃତାଲା ତୁମ ନିମନ୍ତେ ଯାହା ନିୟତ କରି ଦେଇଛନ୍ତି । ଏତଦ୍‌ପରେ ଆପଣ ସ.ଅ ଶୈବାକୁ ସେହି ସମସ୍ତ କଥା କହିଲେ, ଯେଉଁ କଥା ଶୈବା ଯୁଦ୍ଧ ଭୂମିରେ ନିଜ ମନ ଭିତରେ ଲୁଚାଇ ରଖିଥିଲା । ଅତୀତରେ ଯାହା କିଛି ହୋଇଥିଲା ତାହା ପାଇଁ ଶୈବା ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ କ୍ଷମାପ୍ରାର୍ଥୀ ହୋଇ ଆଁହଜରତ୍ ସ.ଅଙ୍କୁ କ୍ଷମା କରିଦେବା ପାଇଁ ଅନୁରୋଧ କଲା । ତେବେ ରସୁଲୁଲ୍ଲାଃ ସ.ଅ ତା'କୁ ଆଶୀର୍ବାଦ କରି କହିଲେ, غَفَرَ اللّٰهُ لَكَ ଅର୍ଥାତ୍ ଅଲ୍ଲାଃତାଲା ତୁମର ଦୋଷକୁ କ୍ଷମା କରି ଦିଅନ୍ତୁ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-୨, ପୃ-258, ବଜ୍‌ମେ ଇକ୍‌ବାଲ୍ ଲାହୋର)**

ସେହିପରି ନୁଜୈର୍ ବିନ୍ ହାରିସ୍‌ର ମନ୍ଦ ଉଦ୍ଦେଶ୍ୟ ତଥା ତା'ର ସୁପରିଣାମର ଚର୍ଚ୍ଚା ମଧ୍ୟ ମିଳେ । ଅତଏବ୍ ଏଥି ସଂକ୍ରାନ୍ତରେ କୁହାଯାଏ ଯେ, ମକ୍କାରୁ ଯେଉଁ ଲୋକମାନେ ମନ୍ଦ ଉଦ୍ଦେଶ୍ୟ ଏବଂ ମନ୍ଦ ସଂକଳ୍ପ ନେଇ ହୁନୈନ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ସେମାନଙ୍କ ମଧ୍ୟରୁ ନୁଜୈର୍ ବିନ୍ ହାରିସ୍ ମଧ୍ୟ ଅନ୍ୟତମ ବ୍ୟକ୍ତି ଥିଲା । ସେ କୁରୈଶ୍‌ମାନଙ୍କ ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ତା'ର ଭାଇ ବଦର୍ ଯୁଦ୍ଧରେ ନିହତ ହୋଇଥିଲା । ଅତଏବ୍ ସେ ନିଜେ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର କେତେକ ସାଥିମାନଙ୍କ ସହିତ ଏହି ଉଦ୍ଦେଶ୍ୟ ନେଇ ହୁନୈନ୍ ଯୁଦ୍ଧରେ ବାହାରିଥିଲି ଯେ, ମୁଁ ସୁଯୋଗ ଦେଖି ଅବିଶ୍ୱାସକାରୀ ଆକ୍ରମଣକାରୀଙ୍କ ପକ୍ଷରୁ ସେମାନଙ୍କ ସହିତ ସାମିଲ୍ ହୋଇଯିବି । ତେଣୁ ଯେତେବେଳେ ପ୍ରାରମ୍ଭରେ ମୁସଲମାନମାନେ ବିକ୍ଷିପ୍ତ ହୋଇଗଲେ ସେତେବେଳେ ମୁଁ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଆପଣଙ୍କ ଆଡ଼କୁ ଗଲି । କିନ୍ତୁ ମୁଁ ଯେମିତି ଆଁହଜରତ ସ.ଅଙ୍କ ଆଡ଼କୁ ଅଗ୍ରସର ହେବା ନିମନ୍ତେ ସ୍ଥିର କଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ଆପଣ ସ.ଅଙ୍କ ଆଖପାଖରେ ଧବଳ (ଧଳା) ରଙ୍ଗର କେତେକ ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ମୋତେ ଏହା କହୁଛନ୍ତି ଯେ, ଏଠାରୁ ଦୂରେଇ ଯାଅ । ସେମାନଙ୍କ ସ୍ୱରରେ ଏପରି ଆତଙ୍କ ରହିଥିଲା ଯେ, ମୁଁ ଡରିଗଲି ଏବଂ ମୁଁ ଥରିବାକୁ ଲାଗିଲି। କିଛି ସମୟ ବିତି ନଥିଲା କି ମୁସସଲମାନମାନେ ପୁଣିଥରେ ଏକତ୍ରିତ ହେବାକୁ ଲାଗିଲେ ଏବଂ ଶତ୍ରୁ ଉପରେ ଆକ୍ରମଣ କରିବାକୁ ଲାଗିଲେ । ଇତି ମଧ୍ୟରେ ମୁଁ ସେଠାରୁ ଫେରି ଆସିଲି ଏବଂ ବୃକ୍ଷ ମଧ୍ୟରେ ଲୁଚିଗଲି ଏବଂ ଅନେକ ଦିନ ପର୍ଯ୍ୟନ୍ତ ମୁଁ ସେଠାରେ ଲୁଚି ରହିଲି। କାରଣ ମୁଁ ଯାହାକିଛି ଦେଖିଥିଲି ତାହାର ଭୟାବହତା ମୋ ମନରୁ ଏପର୍ଯ୍ୟନ୍ତ ଦୂର ହୋଇପାରୁ ନଥିଲା । ଏପର୍ଯ୍ୟନ୍ତକି ମୁଁ ଜାଣିବାକୁ ପାଇଲି ଯେ, ରସୁଲୁଲ୍ଲାଃ ସ.ଅ ତାଏଫ୍ ଆଡ଼କୁ ଚାଲି ଯାଇଛନ୍ତି ଏବଂ ପୁନଶ୍ଚ ସେଠାରୁ ଆପଣ ସ.ଅ ଜିରାନା ନାମକ ଏକ ସ୍ଥାନକୁ ଚାଲିଗଲେ । ଅତଏବ୍ ଯୁଦ୍ଧ ସମାପ୍ତ ହେବା ପରେ ମୁଁ ଭାବିଲି ଯେ, ବର୍ତ୍ତମାନ ଇସଲାମ୍ ଧର୍ମ ଜୟଯୁକ୍ତ ହୋଇ ସାରିଛି ଏବଂ ସମସ୍ତେ ଇସଲାମ୍ ଧର୍ମ ସ୍ୱୀକାର କରି ନେଇଛନ୍ତି । ତେଣୁ ମୁଁ ବି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଯିବି । ତେଣୁ ମୁଁ ଲୁଚି ଲୁଚି ଜିରାନା ନାମକ ସ୍ଥାନକୁ ଚାଲିଗଲି ଏବଂ ମୁସଲମାନମାନଙ୍କ ମଧ୍ୟରେ ସାମିଲ୍ ହୋଇଗଲି । ରସୁଲୁଲ୍ଲାଃ ସ.ଅ ଯେତେବେଳେ ମୋତେ ଦେଖିଲେ ସେତେବେଳେ ଆପଣ ସ.ଅ ମୋତେ ଚିହ୍ନି ପକାଇଲେ ଏବଂ କହିବାକୁ ଲାଗିଲେ ଯେ, ଆଛା ତୁମେ ନୁଜୈର୍ ଅଟ କି ? ମୁଁ କହିଲି ଆଜ୍ଞା ହଜୁରୁ ! ମୁଁ ନୁଜୈର୍ ଅଟେ । ଆପଣ ସ.ଅ କହିଲେ, ଆପଣ ସ.ଅ କହିଲେ, ହେ ନୁଜୈର୍ ତୁମ ନିମନ୍ତେ ଏହା ହେଉଛି ସର୍ବୋତ୍ତମ ପ୍ରତିଫଳ । ଅର୍ଥାତ୍ ତୁମ ହୁନୈନ୍ ଯୁଦ୍ଧ ଅବସରରେ ଯେଉଁ ସଂକଳ୍ପ ନେଇଥିଲ ତାହା ଅପେକ୍ଷା ତୁମର ଏହି ଅବସ୍ଥା ହେଉଛି ସର୍ବୋତ୍ତମ ଅବସ୍ଥା । ଅଲ୍ଲାଃତାଲା ତୁମର ସେହି ସଂକଳ୍ପ ମଧ୍ୟରେ ଚାଲି ଆସିଥିଲେ । ଅର୍ଥାତ୍ ତୁମର ଉଦ୍ଦେଶ୍ୟ ତଥା ତୁମର ସଂକଳ୍ପ ଓ ତୁମ ମଧ୍ୟରେ ଛିଡ଼ା ହୋଇ ଯାଇଥିଲେ । ନୁଜୈର୍ ବର୍ଣ୍ଣନା କରନ୍ତି ଯେ, ମୁଁ ଉକ୍ତ କଥା ଶୁଣି ଦ୍ରୁତ ଗତିରେ ହୁଜୁର ସ.ଅଙ୍କ ଆଡ଼କୁ ଅଗ୍ରସର ହେଲି ଏବଂ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ହୋଇ ଥାଆନ୍ତେ ତେବେ ସେ ମୋତେ ଅବଶ୍ୟ ଲାଭ ପ୍ରଦାନ କରିଥାଆନ୍ତେ । ଏତଦ୍‌ପରେ ସେ ଅର୍ଥାତ୍ ନୁଜୈର୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । ଆଁହଜରତ ସ.ଅ ତାଙ୍କ ନିମନ୍ତେ ଦୁଆ କରି କହିଲେ, اَللّٰهُمَّ زِدْهُ ثَبَاتًا ଅର୍ଥାତ୍ ହେ ଅଲ୍ଲାଃ ! ନୁଜୈର୍‌କୁ ଅବିଚଳତାରେ ଅଭିବୃଦ୍ଧି କରିଦିଅ । ନୁଜୈର୍ କହିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆପଣ ସ.ଅଙ୍କ ଏହି ଦୁଆ ବଳରେ ମୋର ହୃଦୟ ଅବିଚଳତା ଦୃଷ୍ଟିରୁ ଚଟ୍ଟାଣ ପରି ହୋଇଗଲା । ଏହା ଦେଖି ରସୁଲ୍ କରୀମ୍ ସ.ଅ କହିଲେ, ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ଯିଏ ନୁଜୈର୍‌କୁ ସତମାର୍ଗ (ମାର୍ଗଦର୍ଶନ) ପ୍ରଦାନ କଲେ । **(ଅଲ୍ ବଦାୟା ୱନ୍ ନହାଇୟାହ୍, ଭାଗ-7, ପୃ-112-113, ଦାରେ ହିଜର, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-322-324, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ)**

ହୁନୈନ୍ ଯୁଦ୍ଧ ପରେ ମାଲେ ଗନିମତ୍ ବାଣ୍ଟି ଆଁହଜରତ ସ.ଅ କେତେକ ନବାଗତ ମୁସଲମାନ କୁରୈଶୀୟ ଅଧିପତମାନଙ୍କ ମନକୁ ଜିଣିବା ନିମନ୍ତେ ଶହ ଶହ ଓଟ ପ୍ରଦାନ କଲେ । ସେମାନଙ୍କ ମଧ୍ୟରେ ନୁଜୈର୍ ବିନ୍ ହାରିସ୍ ମଧ୍ୟ ଥିଲେ । ସେ ଏପରି ସ୍ୱାଭିମାନୀତା ଦେଖାଇଲେ ଯେ, ବାସ୍ତବରେ ଆଁହଜରତ ସ.ଅ ନୁଜୈର୍‌ଙ୍କୁ ଯେଉଁ ଅବିଚଳତାର ଆଶୀର୍ବାଦ ପ୍ରଦାନ କରିଥିଲା ଏହା ତା'ର ପ୍ରତିଫଳନ ଥିଲା । ତାହାର ଏହା ପ୍ରଭାବ ଥିଲା ଯେ, ଜଣେ ବ୍ୟକ୍ତି ନୁଜୈର୍‌ଙ୍କୁ ଯେତେବେଳେ ଏହି ଖବର ଶୁଣାଇବାକୁ ଆସିଲା ଯେ, ଆଁହଜରତ ସ.ଅ ତାଙ୍କୁ 100 ଓଟ ଦେବାର ଘୋଷଣା କରିଛନ୍ତି, ପ୍ରତ୍ୟୁତ୍ତରରେ ସେ କହିଲେ, ରସୁଲ୍ କରୀମ୍ ସ.ଅ ଆମମାନଙ୍କର ମନ ଜିଣିବା ଏବଂ ଆମେମାନେ ଯେଉଁ ଇସଲାମ୍ ଧର୍ମ ସ୍ୱୀକାର କଲୁ ତାହା ଯୋଗୁଁ ମିତ୍ରତା ସ୍ଥାପନ ନିମନ୍ତେ ଏହି ଓଟ ମୋତେ ଦେଉଛନ୍ତି । ତେଣୁ ମୁଁ ଏହି ଓଟ ନେବି ନାହିଁ । ଅର୍ଥାତ୍ ମୁଁ ତ' ଅଲ୍ଲାଃତାଲାଙ୍କ କୃପାରୁ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିଛି । ମୋର ମନ ଜିଣିବା ନିମନ୍ତେ ମୋତେ ଏପରି ଧନ ଗ୍ରହଣ କରିବାର ଆବଶ୍ୟକତା ନାହିଁ । ପୁନଶ୍ଚ ସେ ସ୍ୱୟଂ ହିଁ ପରେ କହିବାକୁ ଲାଗିଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଏହି ଧନ ମାଗି ନାହିଁ ଓ ନା ହିଁ ମୁଁ ଆପଣ ସ.ଅଙ୍କୁ ଏଥି ସଂକ୍ରାନ୍ତରେ କୌଣସି ପ୍ରଶ୍ନ ପଚାରିଛି । ଏହା ତ' ଆପଣ ସ.ଅଙ୍କ ତରଫରୁ ଭେଟି ତଥା ଉପହାର ଅଟେ । ତେଣୁ ଏହାକୁ ଅସ୍ୱୀକାର କରିବା ଅନୁଚିତ୍ ଅଟେ । ପ୍ରତ୍ୟୁତ୍ତରରେ ଖବର ଆଣିଥିବା ବ୍ୟକ୍ତିକୁ ହ. ନୁଜୈର୍ 10ଟି ଓଟ ଉପହାର ସ୍ୱରୂପ ଦେଇ ଦେଲେ ଏବଂ ବଳକା ଓଟକୁ ନଜେ ରଖିନେଲେ । **(ଉସ୍‌ଦୁଲ୍ ଗାବା, ଭାଗ-3, ପୃ-307, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ସମୟରେ ଅନେକ ସାହାବାମାନେ ଉକ୍ତ କଥାର ପରିପ୍ରକାଶ କରୁଥିଲେ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛୁ ଯେ, ଆମମାନଙ୍କର ପିତୃପୁରୁଷ ତଥା ପୂର୍ବପୁରୁଷମାନେ ଯେଉଁ ଧର୍ମ ଏବଂ ଯେଉଁ ଅବସ୍ଥାର ରହିଥିଲେ (ମୃତ୍ୟୁବରଣ କରିଥିଲେ) ଆମେମାନେ ସେହି ସିର୍କ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ) ଅବସ୍ଥାରେ ମୃତ୍ୟୁବରଣ କଲୁ ନାହିଁ । ସେମାନଙ୍କର ଇସଲାମ୍ ଧର୍ମ ହିଁ ସର୍ବୋତ୍ତମ ଧର୍ମ ରହିଲା । ହ ନୁଜୈର୍ ର.ଅ ପ୍ରବାସ କରି ମଦିନା ଚାଲିଗଲେ ଏବଂ ସେଠାରେ ଜିହାଦ୍ ଉଦ୍ଦେଶ୍ୟ ନେଇ ସେ ସିରୀୟା ଅଭିମୁଖେ ଚାଲିଗଲେ ଏବଂ 15 ହିଜ୍ରୀରେ ୟର୍ମୁକ ଯୁଦ୍ଧରେ ହ. ନୁଜୈର୍ ର.ଅ ଶହୀଦ୍ ହୋଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧର ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ମୁଁ ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରିବି । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, 2025 ମସିହା, ଡିସେମ୍ବର ମାସ 26 ତାରିଖ, ପୃ- 2-6)**

☆--☆--☆

## ପୃ-02ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ସେହି ବ୍ୟକ୍ତିକୁ ଦେଖି କହିଲେ, ହେ ବ୍ୟକ୍ତି ! ତୁମେ କେମିତି ଅଛ ? ସେ କହିଲା, ମୋତେ ରସୁଲୁଲ୍ଲାଃ ସ.ଅ ପ୍ରେରଣ କରିଛନ୍ତି । କାରଣ ମୁଁ ଆପଣ ସ.ଅଙ୍କ ସଂପର୍କରେ ଆଁହଜରତ ସ.ଅଙ୍କୁ ସୂଚନା ପ୍ରଦାନ କରିବି । ତେବେ ପ୍ରତ୍ୟୁତ୍ତରରେ ହ. ସାଆଦ୍ ର.ଅ କହିଲେ, ହେ ବ୍ୟକ୍ତି ତୁମେ ଆଁହଜରତ ସ.ଅଙ୍କୁ ମୋର ସାଦର ପ୍ରଣାମ (ସଲାମ୍) ଜଣାଇବ ଏବଂ ଆପଣ ସ.ଅଙ୍କୁ ଏହି ସୂଚନା ଦେବ ଯେ, ମୋତେ ବର୍ଚ୍ଛାର 12ଟି କ୍ଷତ ବାଜିଛି ଏବଂ ମୋ ସହିତ ଯୁଦ୍ଧ କରୁଥିବା ଲୋକମାନେ ନର୍କଗାମୀ ହୋଇଛନ୍ତି । ଅର୍ଥାତ୍ ମୋ ସହିତ ଯେଉଁମାନେ ଯୁଦ୍ଧ କରିଛନ୍ତି ସେମାନଙ୍କୁ ମୁଁ ସଂହାର କରିଦେଇଛି । ତୁମେ ଯାଇ ମୋ ଜାତିର ଲୋକମାନଙ୍କୁ କହିଦେବ ଯେ, ସେମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କ ସମ୍ମୁଖରେ କୌଣସି ବାହାନା ହେବ ନାହିଁ ଯେ, ରସୁଲୁଲ୍ଲାଃ ସ.ଅ ଯଦି ଶହୀଦ୍ ହୋଇ ଯାଆନ୍ତି ଏବଂ ସେମାନେ ଜୀବିତ ରହିଲେ ।

ଏହା ବର୍ଣ୍ଣନା କରାଯାଏ ଯେ, ଯେଉଁ ବ୍ୟକ୍ତି ହ. ସାଆଦ୍ ବିନ୍ ରବିଇ ର.ଅଙ୍କ ପାଖକୁ ଯାଇଥିଲା ସେ ହ. ଉବୈ ବିନ୍ କାଆବ୍ ର.ଅ ଥିଲେ । ହ. ସାଆଦ୍ ର.ଅ ହ. ଉବୈ ବିନ୍ କାଆବ୍ ର.ଅଙ୍କୁ କହିଲେ, ହେ କାଆବ୍ ! ତୁମେ ନିଜ ଜାତିର ଲୋକମାନଙ୍କୁ କହିବ ଯେ, ସାଆଦି ବିନ୍ ରବିଇ ତୁମକୁ ଏହା କହେ **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family, B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

(ଖୁତ୍‌ବା ଜୁମା)

ସେହି ପବିତ୍ରାତ୍ମା ବ୍ୟକ୍ତିର କାନରେ ଯେତେବେଳେ ଉଲୁଲ୍ ହୁବୁଲ୍, ଉଲୁଲ୍ ହୁବୁଲର (ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଉ, ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଉ)ସ୍ୱର ପଡ଼ିଲା ସେତେବେଳେ ସେହି ବ୍ୟକ୍ତି ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଏକେଶ୍ୱରବାଦମୂଳକ ଉତ୍ସାହ ଆବେଗିକ ହୋଇ ଉଠିଲା । କାରଣ ବର୍ତ୍ତମାନ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପ୍ରଶ୍ନ ନଥିଲା, ବର୍ତ୍ତମାନ ଅବୁ ବକ୍କର ଓ ଉମର୍ ର.ଅଙ୍କ ପ୍ରଶ୍ନ ନଥିଲା, ବର୍ତ୍ତମାନ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ଓତାହାଙ୍କ ଗାରିମାର ପ୍ରଶ୍ନ ଥିଲା । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହିତ ହୋଇ କହିଲେ, ହେ ସାହାବାମାନେ ତୁମେମାନେ ଉତ୍ତର କାହିଁକି ଦେଉ ନାହଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, اَللّٰهُ اَعْلٰى وَاَجَلُّ۔ اَللّٰهُ اَعْلٰى وَاَجَلُّ۔ । ଆପଣ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ଏହା କୁହ କି ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ସର୍ବୋଚ୍ଚ ମହିମାରା ଅଧିକାରୀ ଅଟନ୍ତି ।

— — — — — — — — — — — — — — — — — — — —

ହ. ସଇଦ୍ ବିନ୍ ରବିଇ ର.ଅ ଶାହାଦତ୍ ପୂର୍ବରୁ କହିଲେ, "ମୋର ମୁସଲମାନ ଭାଇମାନଙ୍କୁ ମୋର ଏହି ସନ୍ଦେଶ ପହଞ୍ଚାଇ ଦେବ ଏବଂ ମୋର ଜାତି ଓ ମୋର ସଂପର୍କୀୟମାନଙ୍କୁ କହିଦେବ ଯେ, ରସୁଲ୍ କରୀମ୍ ସ.ଅ ଆମମାନଙ୍କ ନିକଟରେ ଅଲ୍ଲାଃତାଲାଙ୍କ ସର୍ବୋତ୍କୃଷ୍ଟ ସନ୍ତକ (ଅମାନତ୍) ଅଟନ୍ତି । ଆମେମାନେ ନିଜର ପ୍ରାଣ ମାଧ୍ୟମରେ ସେହି ଅମାନତ୍‌ର ସୁରକ୍ଷା କରି ଆସିଛୁ । ବର୍ତ୍ତମାନ ମୁଁ ଜାଣେ ଓ ସେହି ଅମାନତ୍‌ର ସୁରକ୍ଷା ମୁଁ ତୁମମାନଙ୍କୁ ହସ୍ତାନ୍ତର (ଅର୍ପଣ) କରୁଛି । ଏପରି ନହେଉ ଯେ, ତୁମେମାନେ ସେହି ଅମାନତର ସୁରକ୍ଷା ଦେବାରେ ଦୁର୍ବଳତା ଓ ଅବହେଳା ପ୍ରଦର୍ଶନ କରିବ । "

— — — — — — — — — — — — — — — — — — — —

ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ରସୁଲୁଲ୍ଲାଃ ସ.ଅଙ୍କୁ ଭଲ ପାଇବାର ସେହି ଆତ୍ମା (ମନୋଭାବ) ସୃଷ୍ଟି କରନ୍ତୁ । ଆମିନ୍ । ଯେତେବେଳେ ଏହି ମନୋଭାବ ସୃଷ୍ଟି ହେବ ସେତେବେଳେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ମଧ୍ୟ ଆମେମାନେ ଅଗ୍ରସର ହେବୁ ଓ ନିଜର ଦୁର୍ବଳତାକୁ ଦୂରୀଭୂତ କରିବା ନିମନ୍ତେ ମଧ୍ୟ ପ୍ରକୃତ ରୂପେ ଆମେମାନେ ଉଦ୍ୟମ କରିବୁ । କାରଣ ଆମମାନଙ୍କୁ ସଠିକ୍ ଇସଲାମୀୟ ଶୈଳୀ ନିଜର ଉପାସନାମାନଙ୍କରେ, ନିଜର ଚରିତ୍ରରେ, ନିଜର ଅଭ୍ୟାସରେ ମଧ୍ୟ ସୃଷ୍ଟି କରିବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

— — — — — — — — — — — — — — — — — — — —

ୱହୋଦ୍ ଯୁଦ୍ଧରେ ସାହାବାମାନଙ୍କ ବଳିଦାନ, ରସୁଲ୍ ପ୍ରେମର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

— — — — — — — — — — — — — — — — — — — —

ୟମନ୍‌ର ପ୍ରଥମ ଶହୀଦ୍ ଅହମଦି ଡାକ୍ତର ମନ୍‌ସୁର୍ ଅହମଦ୍ ଶବୁତୀ ସାହେବ, କବାବିର୍‌ର ସଲାହୁଦ୍ଦୀନ୍ ମୁହମ୍ମଦ ସାଲେହ୍ ଅବ୍‌ଦୁଲ୍ କାଦିର୍ ସାହେବ ଓ ରବ୍‌ୱାର ରିହାନା ଫରହତ୍ ସାହେବାଙ୍କ ବିୟୋଗ, ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — —

**09 February 2024 ମସିହା ଅନୁଯାୟୀ ୦୯ ତବ୍‌ଲିଗ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ୱୋହଦ୍ ଯୁଦ୍ଧ ସଂପର୍କରେ ଅବୁ ସୁଫିୟାନ୍‌ର ସ୍ଲୋଗାନର ଚର୍ଚ୍ଚା ଚାଲିଥିଲା । ଯହିଁରେ ସେ ନିଜର ପିତୁଳା ତଥା ନିଜ ଦେବତାର ମହିମା ଓ ପ୍ରଶଂସା ବର୍ଣ୍ଣନା କରୁଥିଲା । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ସକାଶେ ନିଜର ସ୍ୱାଭିମାନର ପରିପ୍ରକାଶ କିରଥିଲେ । ଯେପରିକି ମୁଁ କହିଥିଲି ଯେ, ଆଁହଜରତ ସ.ଅ କିପରି ନିଜ ସ୍ୱାଭିମାନର ପରିପ୍ରକାଶ କରିଥିଲେ ଏବଂ ସେହି ପରିସ୍ଥିତିରେ ମଧ୍ୟ ଅଲ୍ଲାଃତାଲାଙ୍କ ନାମ ଉଚ୍ଚ କରିବା ନିମନ୍ତେ ସ୍ଲୋଗାନ୍ ଦେଇଥିଲେ । ଏଥି ସଂକ୍ରାନ୍ତରେ ମୁଁ ଅତିରିକ୍ତ ପ୍ରାମାଣ୍ୟ ଉପସ୍ଥାପିତ କରିବି । ପୁଣ୍ୟଶ୍ଳୋକ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ୱହୋଦ୍ ଯୁଦ୍ଧରେ ଯେତେବେଳେ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ କହିଲା, لَنَا عُزّٰى وَلَا عُزّٰى لَكُمْ ଅର୍ଥାତ୍ ଆମମାନଙ୍କ ସମର୍ଥନରେ ଆମର ଉଜ୍ଜା ଦେବତା ଅଛନ୍ତି । କିନ୍ତୁ ତୁମମାନଙ୍କ ସମର୍ଥନରେ କୌଣସି ପିତୁଳା (ଦେବତା) ନାହାନ୍ତି । ଅତଏବ୍ ନବୀ କରୀମ୍ ସ.ଅ ସାହାବାମାନଙ୍କୁ ଏହି ଉତ୍ତର ଦେବା ନିମନ୍ତେ କହିଲେ, اَللّٰهُ مَوْلَانَا وَلَا مَوْلٰى لَكُمْ । ଅର୍ଥାତ୍ ହେ ସାହାବାମାନେ ତୁମେମାନେ ଅବିଶ୍ୱାସକାରୀଙ୍କୁ ଏହା କୁହ କି ଅଲ୍ଲାଃତାଲା ଆମମାନଙ୍କର ସହାୟକ ଅଟନ୍ତି ଏବଂ ତୁମମାନଙ୍କର ସହାୟକ ଅଲ୍ଲାଃତାଲା ନୁହନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଏହି اَنْتَ مَوْلٰنَاର ସତ୍ୟତା କିପରିକା ବ୍ୟବହାରିକ ପ୍ରମାଣ ଥିଲା ? ଅର୍ଥାତ ଖଡ଼୍‌ଗର ଛାୟାରେ ମଧ୍ୟ ସେମାନେ ମୁସଲମାନ ସାହାବାମାନେ ଏହା ହିଁ କହିଲେ ଯେ, ଅଲ୍ଲାଃତାଲା ହିଁ ଆମମାନଙ୍କୁ ରକ୍ଷା କରିବେ ।

**(ତଫସିର୍ କବିର୍, ଭାଗ-2, ପୃ-660, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ଏକ ସ୍ଥାନରେ ଆପଣ ର.ଅ କୁହନ୍ତି ଯେ, ଯେତେବେଳେ ମୁସଲମାନମାନଙ୍କ କାନରେ ଏହି ସ୍ୱରଟି ଶୁଭିଲା ଯେ, ରସୁଲୁଲ୍ଲାଃ ସ.ଅ ବୀରଗତି ପ୍ରାପ୍ତେ କରିଛନ୍ତି ସେତେବେଳେ ସେମାନେ ଶୀଘ୍ର ଶୀଘ୍ର ଫେରିଗଲେ ଏବଂ ସେମାନେ ଆଁହଜରତ ସ.ଅଙ୍କ ଉପରୁ ଶବ ହଟାଇଲେ । ଶବ ହଟାଇଲା ପରେ ଏହା ଜଣା ପଡ଼ିଲା ଯେ, ଆପଣ ସ.ଅ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ଏବଂ ନିଃଶ୍ୱାସ ପ୍ରଶ୍ୱାସ ନେଉଛନ୍ତି । ସେତେବେଳେ ସର୍ବ ପ୍ରଥମେ ଆପଣ ସ.ଅଙ୍କ ଲୌହ ମୁକୁଟରୁ କଣ୍ଟା (ପିରିକ) ବାହାର କରାଗଲା । ଉକ୍ତ କଣ୍ଟା ବାହାରୁ ନଥିଲା । ପରିଶେଷରେ ଜଣେ ସାହାବି ନିଜର ଦାନ୍ତ ସାହଯ୍ୟରେ ଉକ୍ତ କଣ୍ଟା ଅର୍ଥାତ୍ ପିରକକୁ ବାହାର କଲେ । ଫଳତଃ ସେହି ସାହାବିଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ଏତଦ୍‌ପରେ ଆଁହଜରତ ସ.ଅଙ୍କ ମୁଖମଣ୍ଡଳ ଉପରେ ଯେତେବେଳେ ଜଳ ଛିଞ୍ଚାଗଲା ସେତେବେଳେ ଆପଣ ସ.ଅଙ୍କ ଚେତା ଫେରିଥିଲା । ଅନେକ ସାହାବାମାନେ ତ' ବିକ୍ଷିପ୍ତ ହୋଇ ସାରିଥିଲେ । କେବଳ କିଛି ସାହାବାମାନଙ୍କର ଦଳ ଆପଣ ସ.ଅଙ୍କ ପାଖରେ ରହିଯାଇଥିଲା । ଆଁହଜରତ ସ.ଅ ସେମାନଙ୍କୁ କହିଲେ, ହେ ସାହାବାମାନେ ! ଆମମାନଙ୍କୁ ବର୍ତ୍ତମାନ ପର୍ବତର ପାଦ ଦେଶକୁ ଚାଲିଯିବା ଉଚିତ୍ । ସୁତରାଂ ଆପଣ ସ.ଅ ସେମାନଙ୍କୁ ଧରି ଏକ ପର୍ବତ ପାଦ ଦାଶରେ ଚାଲିଗଲେ ଏବଂ ପୁନଶ୍ଚ ଅନ୍ୟ ସୈନ୍ୟବାହିନୀ ମଧ୍ୟ ଧୀରେ ଧୀରେ ଏକତ୍ରିତ ହେବା ଆରମ୍ଭ ହେଲା । ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଯେତେବେଳେ ଫେରୁଥିଲା ସେତେବେଳେ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ ରସୁଲ୍ କରୀମ୍ ସ.ଅଙ୍କ ନାମ ଧରି କହିଲା, ହେ ମୁସଲମାନମାନେ ! ଆମେମାନେ ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରି ଦେଇଛୁ । ସେହାବାମାନେ ଯେତେବେଳେ ଉତ୍ତର ଦେବାକୁ ଚାହିଁଲେ ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ! କେହି ଉତ୍ତର ଦିଅ ନାହିଁ, ଏଇଟା ଉଚିତ୍ ସମୟ ନୁହଁ । ଆମମାନଙ୍କର ଲୋକ କ୍ଷିପ୍ତ ବିକ୍ଷିପ୍ତ ହୋଇ ଯାଇଛନ୍ତି । କିଛି ମୃତାହତ ହୋଇଛନ୍ତି ଏବଂ କିଛି ଆହାତ ମଧ୍ୟ ହୋଇଛନ୍ତି । ଆମେମାନେ ସ୍ୱଳ୍ପ ସଂଖ୍ୟକ ଅଟୁ ଓ ଅବିଶ୍ୱାସକାରୀମାନେ 3000 ସଂଖ୍ୟା ବିଶିଷ୍ଟ ଅଟନ୍ତି । ସେମାନେ ସମସ୍ତେ ସକୁଶଳେର ଅଛନ୍ତି । ଏଭଳି ପରିସ୍ଥିତିରେ ଆମମାନଙ୍କର ଉତ୍ତର ଦେବାଟା ଠିକ୍ ହେବ ନାହିଁ । ଅବିଶ୍ୱାସକାରୀମାନେ ଯଦି କହୁଛନ୍ତି ଯେ, ସେମାନେ ମୋତେ ହତ୍ୟା କରି ଦେଇଛନ୍ତି, ତେବେ ସେମାନଙ୍କୁ କହିବାକୁ ଦିଅ, ସେମାନେ କୁହନ୍ତୁ ତହିଁରେ କିଛି ଅସୁବିଧା ନାହିଁ । ସୁତରାଂ ସମସ୍ତ ସାହାବାମାନେ ଆପଣ ସ.ଅଙ୍କ ଆଦେଶମତେ ନୀରବ ରହିଲେ । ଅବୁ ସୁଫିୟାନ୍ କୌଣସି ଉତ୍ତର ନପାଇ କହିଲା, କ'ଣ ଆମେ ଅବୁ କାହାଫାଙ୍କ ପୁତ୍ର ଅର୍ଥାତ୍ ହ. ଅବୁ ବକ୍କରଙ୍କୁ ହତ୍ୟା କରି ଦେଇଛୁ । ଆପଣ ସ.ଅ ସାହାବାମାନଙ୍କୁ ଉତ୍ତର ଦେବାରୁ ଅଟକାଇଲେ ଏବଂ କହିଲେ, ହେ ସାହାବାମାନେ! ତୁମେମମାନେ ନୀରବ ରୁହ । କୌଣସି ଉତ୍ତର ଦିଅ ନାହିଁ । ଅବୁ ସୁଫିୟାନ କହୁଛି ତ' କହୁ । ସୁତରାଂ ସାହାବାମେନ ନୀରବ ରହିଲେ । ଏହାପରେ ଅବୁ ସୁଫିୟାନ୍ କହିଲା, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଇବ୍‌ନେ ଖତ୍ତାବ୍ ଅର୍ଥାତ୍ ଉମର୍

ର.ଅ ଜୀବିତ ଅଛନ୍ତି କି ? ଆମେମାନେ ଉମରଙ୍କୁ ମଧ୍ୟ ମାରି ଦେଇଛୁ । ହ. ଉମର୍ ର.ଅ ଟିକେ ଆତୁର ସ୍ୱଭାବର ବ୍ୟକ୍ତି ଥିଲେ। ସେ ଯେତେବେଳେ ଉତ୍ତର ଦେବାକୁ ଚାହିଁଲେ ସେତେବେଳେ ଆଁହଜରତ ସ.ଅ ତାଙ୍କୁ ଉତ୍ତର ଦେବାରୁ ଅଟକାଇ ଦେଲେ । ଏହା ଶୁଣି ହ. ଉମର୍ ର.ଅ ନିଜକୁ ସମ୍ଭାଳି ନପାରି କହିଲେ, ହେ ଅଲ୍ଲାଃଙ୍କ ଶତ୍ରୁ ଅବୁ ସୁଫିୟାନ୍ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମେ ଯାହା କହିଲ କି ତୁମେ ମୋତେ ମାରି ଦେଇଛ ଏସବୁ ମିଥ୍ୟା ଅଟେ । କିନ୍ତୁ ଉମର୍ ଏପର୍ଯ୍ୟନ୍ତ ତୁମର ମୁଣ୍ଡ ଫଟେଇ ଦେବା ପାଇଁ ଜୀବିତ ଓ ଉପସ୍ଥିତ ଅଛି । ସେ ଯାହା ହେଉ ରସୁଲ୍ କରୀମ୍ ସ.ଅ ହ. ଉମର୍ ର.ଅଙ୍କୁ ମଧ୍ୟ ଉତ୍ତର ଦେବାକୁ ମନାକଲେ । ଯେତେବେଳେ ଅବୁ ସୁଫିୟାନ୍ କୌଣସି ଉତ୍ତର ପାଇଲା ନାହିଁ ସେତେବେଳେ ଅବୁ ସୁଫିୟାନ୍ ଜୟଗାନମୂଳକ ପଂକ୍ତି ପାଠ କରିବାକୁ ଲାଗିଲା ଯେ, اُعْلُ ھُبَل ۔ اُعْلُ ھُبَل ଅର୍ଥାତ୍ ହୁବୁଲ୍‌ଙ୍କର ଜୟ ହେଉ, ହୁବୁଲ୍‌ଙ୍କର ଜୟ ହେଉ । ହେ ମୁସଲମାନମାନେ ଆମ ପାଖରେ ଉଜ୍ଜା ନାମକ ପିତୁଳା (ମୂର୍ତ୍ତି) ରହିଛି ଏବଂ ତୁମ ପାଖରେ କୌଣସି ଉଜ୍ଜା ଠାକୁର ନାହିଁ । ପରିଶେଷ ଆମର ହୁବୁଲ୍ ଦେବତା ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛନ୍ତି । ଯେହେତୁ ଆଁହଜରତ ସ.ଅ ସାହାବାମାନଙ୍କୁ କୌଣସି ଉତ୍ତର ନଦେବା ପାଇଁ କହିଥିଲେ ସେଇଥି ପାଇଁ ସେମାନେ ନୀରବ ରହିଲେ । କିନ୍ତୁ ଈଶ୍ୱରଙ୍କ ବାର୍ତ୍ତାବହ ଯିଏ ନିଜ ମୃତ୍ୟୁର, ହ. ଅବୁ ବକ୍କର ର.ଅଙ୍କ ମୃତ୍ୟୁର ଖବର ଓ ହ. ଉମର୍ ର.ଅଙ୍କ ମୃତ୍ୟୁରୁ ଖବର ଶୁଣି ସାହାବାମାନଙ୍କୁ ନୀରବ ରହିବା ପାଇଁ କହୁଥିଲେ ଅର୍ଥାତ୍ ଉତ୍ତର ନଦେବା ପାଇଁ କହୁଥିଲେ ଯେ, ହେ ସାହାବାମନେ କେହି ଉତ୍ତର ଦିଅ ନାହିଁ, ଏଇଟା ଉଚିତ୍ ସମୟ ନୁହଁ । ଆମମାନଙ୍କର ଲୋକ କ୍ଷିପ୍ତ ବିକ୍ଷିପ୍ତ ହୋଇ ଯାଇଛନ୍ତି । କିଛି ମୃତାହତ ହୋଇଛନ୍ତି ଏବଂ କିଛି ଆହାତ ମଧ୍ୟ ହୋଇଛନ୍ତି । ଆମେମାନେ ସ୍ୱଳ୍ପ ସଂଖ୍ୟକ ଅଟୁ ଓ ଅବିଶ୍ୱାସକାରୀମାନେ 3000 ସଂଖ୍ୟା ବିଶିଷ୍ଟ ଅଟନ୍ତି । ସେମାନେ ସମସ୍ତେ ସକୁଶଳେର ଅଛନ୍ତି । ଏଭଳି ପରିସ୍ଥିତିରେ ଆମମାନଙ୍କର ଉତ୍ତର ଦେବାଟା ଠିକ୍ ହେବ ନାହିଁ । ଅବିଶ୍ୱାସକାରୀମାନେ ଯଦି କହୁଛନ୍ତି ଯେ, ସେମାନେ ମୋତେ ହତ୍ୟା କରି ଦେଇଛନ୍ତି, ତାହାହେଲେ ସେମାନଙ୍କୁ କହିବାକୁ ଦିଅ । ତହିଁରେ କିଛି ଅସୁବିଧା ନାହିଁ । ସୁତରାଂ ସମସ୍ତ ସାହାବାମାନେ ଆପଣ ସ.ଅଙ୍କ ଆଦେଶମତେ ନୀରବ ରହିଲେ ।

ସେହି ପବିତ୍ରାତ୍ମା ବ୍ୟକ୍ତିର କାନରେ ଯେତେବେଳେ ଉଲୁଲ୍ ହୁବୁଲ୍, ଉଲୁଲ୍ ହୁବୁଲର (ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଉ, ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଉ) ତେବେ ସେହି ବ୍ୟକ୍ତି ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଏକେଶ୍ୱରବାଦମୂଳକ ଉତ୍ସାହ ଆବେଗିକ ହୋଇ ଉଠିଲା । କାରଣ ବର୍ତ୍ତମାନ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପ୍ରଶ୍ନ ନଥିଲା, ବର୍ତ୍ତମାନ ଅବୁ ବକ୍କର ଓ ଉମର୍ ର.ଅଙ୍କ ପ୍ରଶ୍ନ ନଥିଲା । ବର୍ତ୍ତମାନ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦାର ପ୍ରଶ୍ନ ଥିଲା । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହିତ ହୋଇ କହିଲେ, ହେ ସାହାବାମାନେ (ଅର୍ଥାତ୍ ହ. ଅବୁ ବକ୍କର ର.ଅ) ତୁମେମାନେ ଉତ୍ତର କାହିଁକି ଦେଉ ନାହଁ କାହିଁକି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, اَللّٰہُ اَعْلٰی وَاَجَلُّ ۔ اَللّٰہُ اَعْلٰی وَاَجَلُّ ۔ । ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ କି ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ମହିମାର ଅଧିକାରୀ ଅଟନ୍ତି ।

ଆପଣ ସ.ଅ ସାହାବାମାନଙ୍କୁ ତିନିଥର ଉତ୍ତର ଦେବାରୁ ଅଟକାଇଥିଲେ । ତହିଁରୁ ଏହା ଜଣାପଡ଼େ ଯେ, ଆପଣ ସ.ଅ ବିପଦର ଗୁରୁତ୍ୱତା ଓ ମହତ୍ତ୍ୱକୁ ସଂପୂର୍ଣ୍ଣ ଅବବୋଧ କରିଥିଲେ । ଆପଣ ସ.ଅ ଜାଣିଥିଲେ ଯେ, ଇସଲାମୀୟ ସୈନ୍ୟବାହିନୀ କ୍ଷିପ୍ତ ବିକ୍ଷିପ୍ତ ହୋଇଯାଇଛି ଏବଂ ଆପଣ ସ.ଅଙ୍କ ସହିତ ସ୍ୱଳ୍ପ ସଂଖ୍ୟକ ଲୋକମାନେ ରହିଯାଇଛନ୍ତି। ଅନେକ ସାହାବାମାନେ ଆହତ ହୋଇଛନ୍ତି ଏବଂ ଅନ୍ୟ ସାହାବାମେନେ କ୍ଳାନ୍ତ ତଥା ଅବସନ୍ନ ହୋଇ ପଡ଼ିଛନ୍ତି । ଯଦି ଶତ୍ରୁକୁ ଏହା ଜ୍ଞାତ ହୋଇଗଲା ଯେ, ଇସ୍‌ଲାମୀୟ ସୈନ୍ୟବାହିନୀର ଏକ ଭାଗ ଏକତ୍ରିତ ହୋଇଛି ତେବେ ସେମାନେ ପୁନଃ ଆକ୍ରମଣ କରିବା ନିମନ୍ତେ ଦୁଃସାହସ ନକରନ୍ତୁ । କିନ୍ତୁ ଏହିସବୁ ପରିସ୍ଥିତି ସତ୍ତ୍ୱେ ଯେତେବେଳେ ଅଲ୍ଲାଃତାଲାଙ୍କ ସମ୍ମାନ ଓ ମର୍ଯ୍ୟାଦାର ପ୍ରସଙ୍ଗ ଆସିଲା ସେତେବେଳେ ଆପଣ ସ.ଅ ନୀରବ ରହିବାକୁ ପସନ୍ଦ କଲେ ନାହିଁ । ସୁତରାଂ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମେନେ ତୁମେମାନେ ନୀରବ କାହିଁକି ରହିଛ ? ତୁମେମାନେ ଅବୁ ସୁଫିୟାନ୍‌କୁ ଉତ୍ତର ଦେଉ ନାହଁ କାହିଁକି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କ'ଣ କହିବୁ ଓ କି ଉତ୍ତର ଦେବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ କି اَللّٰہُ اَعْلٰی وَاَجَلُّ ଅର୍ଥାତ୍ ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ମହିମାର ଅଧିକାରୀ ଅଟନ୍ତି ।

**(ତଫ୍‌ସିର୍ କବିର୍, ଭାଗ-10, ପୃ-341-342, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ସମସ୍ତ ବର୍ଣ୍ଣନା ଆପଣ ର.ଅ ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ କୌସର୍‌ର ବ୍ୟାଖ୍ୟାରେ ବର୍ଣ୍ଣନା କରିଛନ୍ତି । ଏହାର ବିବରଣୀ ଯଦି ଆପଣମାନେ ପାଠ କରିବାକୁ ଚାହୁଁଛନ୍ତି ତେବେ ଆପଣମାନେ ତଫ୍‌ସିର୍ କବିର୍‌ରୁ ଏହାର ବିବରଣୀ ପାଠ କରି ପାରିବେ । ଆହୁରି ଅନେକ ପ୍ରସଙ୍ଗ ରହିଛି ଯାହା ଜ୍ଞାନରେ ଅଭିବୃଦ୍ଧି ନିମନ୍ତେ ସେଠାରୁ ପ୍ରାପ୍ତ ହୋଇଯିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ ଏକ ସ୍ଥାନରେ କୁହନ୍ତି ଯେ, "ମକ୍କାର ଯେଉଁ ବରିଷ୍ଠ କୁରୈଶୀୟ ଅଧିପତିମାନେ ମୁହମ୍ମଦ ସ.ଅଙ୍କୁ ମାରିବାକୁ ଚାହିଁଥିଲେ । କ'ଣ ଆଜି ସଂସାରରେ ସେହି ଅଧିପତିମାନଙ୍କର ନାମ ଉଚ୍ଚାରଣକାରୀ କେହି ବ୍ୟକ୍ତି ରହିଛି କି ? ଓହୋଦ୍ ଯୁଦ୍ଧରେ ଅବୁ ସୁଫିୟାନ୍ ଡାକ ମାରିଲା ଯେ, "ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅ ଜୀବିତ ଅଛନ୍ତି କି ? ଯେତେବେଳେ ଅବୁ ସୁଫିୟାନ୍‌କୁ ଏହାର ଉତ୍ତର ମିଳିଲା ନାହିଁ ସେତେବେଳେ ସେ କହିଲା, ହେ ମକ୍କାର କୁରୈଶମାନେ ଆମେମାନେ ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛୁ । ଅବୁ ସୁଫିୟାନ୍ ପୁଣି ଡାକିଲା ଯେ, ହେ ମୁସଲମାନମାନେ! କ'ଣ ତୁମମାନଙ୍କ ମଧ୍ୟରେ ଅବୁ ବକ୍କର ର.ଅ ଜୀବିତ ଅଛନ୍ତି କି ? ଯେତେବେଳେ ଅବୁ ସୁଫିୟାନ୍‌କୁ ଏହାର ଉତ୍ତର ମିଳିଲା ନାହିଁ, ସେତେବେଳେ ସେ କହିଲା, ହେ (କୁରୈଶ୍) ସୈନ୍ୟବାହିନୀମାନେ ! ଆମେମାନେ ଅବୁ ବକ୍କର ର.ଅଙ୍କୁ ମଧ୍ୟ ମାରି ଦେଇଛୁ । ଅବୁ ସୁଫିୟାନ୍ ପୁନଶ୍ଚ ଡାକ ମାରିଲା ଯେ,ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଉମର୍ ର.ଅ ଜୀବିତ ଅଛନ୍ତି କି ? ଅବୁ ସୁଫିୟାନକୁ ଯେତେବେଳ ଏହି ପ୍ରଶ୍ନର ମଧ୍ୟ ଉତ୍ତର ମିଳିଲା ନାହିଁ ସେତେବେଳେ ସେ କହିଲା, ହେ (କୁରୈଶ୍) ସୈନ୍ୟବାହିନୀମାନେ ! ଆମେମାନେ ଉମର ର.ଅଙ୍କୁ ମଧ୍ୟ ମାରି ଦେଇଛୁ ।"

**(ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ଓହୋଦ୍)**

କିନ୍ତୁ ଆଜି ଯାଅ ଏବଂ ସଂସାରର ପ୍ରତ୍ୟେକ ପ୍ରାନ୍ତରେ ଏହି ଡାକ ମାରୁଥିବା ଅବିଶ୍ୱାସକାରୀ ସାଥିର ଅଧିପତି ଅବୁ ଜହଲ୍‌କୁ ଡାକ ଏବଂ ଡାକ ଯେ, କ'ଣ ତୁମମାନଙ୍କ ମଧ୍ୟରେ ଅବୁ ଜହଲ୍ ଜୀବିତ ଅଛି କି ? ତେବେ ତୁମେମାନେ ଦେଖିବ ଯେ, ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ନାମ ଉପରେ କୋଟି କୋଟି ସ୍ୱରୋତ୍ତୋଳନକାରୀଙ୍କ ସ୍ୱର ଉଚ୍ଚ ହେବା ଆରମ୍ଭ ହୋଇଯିବ ଏବଂ ସମଗ୍ର ସଂସାର କହି ଉଠିବ ଯେ, ହଁ ମୁହମ୍ମଦ ସ.ଅ ଆମମାନଙ୍କ ମଧ୍ୟରେ ଉପସ୍ଥିତ ତଥା ବିଦ୍ୟମାନ ଅଛନ୍ତି । କାରଣ ଆମମାନଙ୍କୁ ଆପଣ ସ.ଅଙ୍କ ପ୍ରତିନିଧିତ୍ୱର ମର୍ଯ୍ୟାଦା ପ୍ରାପ୍ତ ହୋଇଛି । କିନ୍ତୁ ଅବୁ ଜହଲ୍‌କୁ ଡାକିବା ଦ୍ୱାରା କୌଣସି କୋଣରେ ମଧ୍ୟ ସ୍ୱର ଉଠୁଥିବାର ଶୁଭିବ ନାହିଁ । ଅବୁ ଜହଲ୍‌ର ସନ୍ତାନ ଆଜି ମଧ୍ୟ ସଂସାରରେ ଉପସ୍ଥିତ ଅଛି । କିନ୍ତୁ କାହାରି ମଧ୍ୟରେ ଏହି ସାହସ ନାହିଁ ଯେ, ସେ ଏହା କହିପାରିବ ଯେ, ମୁଁ ଅବୁ ଜହଲ୍‌ର ସନ୍ତାନ ମଧ୍ୟରୁ ଅନ୍ୟତମ ସନ୍ତାନ ଅଟେ । ସମ୍ଭବତଃ ଉତ୍‌ବା ଓ ଶୈବାର ସନ୍ତାନମାନେ ଆଜି ମଧ୍ୟ ସଂସାରରେ ଉପସ୍ଥିତ ଅଛନ୍ତି । କିନ୍ତୁ କ'ଣ କେହି କହିପାରିବ କି ମୁଁ ଉତ୍‌ବା ଏବଂ ଶୈବାର ସନ୍ତାନ ଅଟେ । ଅତଏବ୍ ରସୁଲୁଲ୍ଲାଃ ସ.ଅଙ୍କ ନାମ ହିଁ ଏକମାତ୍ର ନାମ ଯେଉଁ ନାମକୁ ଅଲ୍ଲାଃତାଲା ଉଚ୍ଚ କଲେ ଓ ଉଚ୍ଚ ରଖିଲେ ।

**(ତଫ୍‌ସିର୍ କବିର୍, ଭାଗ-2, ପୃ-290-291, ସଂସ୍କରଣ ବର୍ଷ-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏଥି ସଂକ୍ରାନ୍ତରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, "ଅବତାରମାନଙ୍କ ଉପରେ ଯେଉଁ ବିପତ୍ତି ଆସିଥାଏ ତହିଁରେ ମଧ୍ୟ ଅଲ୍ଲାଃତାଲା ସହସ୍ର ସହସ୍ର ରହସ୍ୟ ନିହିତ ରଖିଛନ୍ତି । ଆଁହଜରତ ସ.ଅଙ୍କ ଉପରେ ଅନେକ ବିପତ୍ତି ଆସିଥିଲା । ଓହୋଦ୍ ଯୁଦ୍ଧରେ ଏକ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅଙ୍କୁ ଖଡ଼୍‌ଗର 70ଟି କ୍ଷତ ବାଜିଥିଲା ଓ ମୁସଲମାନମାନଙ୍କର ପ୍ରକାଶ୍ୟ ଅବସ୍ଥାକୁ ଦେଖି ଅବିଶ୍ୱାସକାରୀମାନେ ବେଶ୍ ଆନନ୍ଦିତ ହୋଇଥିଲେ । ସୁତରାଂ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ଏହା ବିଶ୍ୱାସ କରି କହିଲା ଯେ, ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ବରିଷ୍ଠ ସାହାବାମାନେ ସମସ୍ତେ ଶହୀଦ୍ ହୋଇଯାଇଥିବେ । ସେ ଉଚ୍ଚ ସ୍ୱରରେ କହିଲା, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅ ଜୀବିତ ଅଛନ୍ତି କି ? ସୁତରାଂ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ତୁମେମାନେ ନୀରବ ରୁହ । କୌଣସି ଉତ୍ତର ଦିଅ ନାହିଁ । ମୁସଲମାନମାନଙ୍କ ନୀରବ ରହିବା ଦ୍ୱାରା ସେହି ଅବିଶ୍ୱାସକାରୀ ଆନନ୍ଦିତ ହେଲା ଯେ, ଯାହା ହେଉ ମୁହମ୍ମଦ୍ ସ.ଅ ମୃତ୍ୟୁବରଣ କରିଥିବେ, ସେଇଁଥି ପାଇଁ ଉତ୍ତର **(ଅବଶିଷ୍ଟାଂଶ.....ପୃ-11ରେ)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ପରିସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ୍ ଫିଲ୍ଡ୍‌ରେ କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସ୍‌ନାଲ ସ୍କୁଲରୁ) ଉତ୍ତୀର୍ଣ୍ଣ ଓ ପ୍ରମାଣପତ୍ର ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନ୍ସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate, HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ୍ ଇନ୍‌ଷ୍ଟଲେସନ୍, ମରାମତି କିମ୍ବା ପ୍ରୋଜେକ୍ଟ୍ ୱାର୍କରେ 2 ବର୍ଷର ବ୍ୟବହାରିକ ଅଭିଜ୍ଞତା ଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର୍ କିମ୍ବା Lead Technician Roleର ଅତି କମ୍‌ରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମ୍‌କୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀର ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପ୍‌ରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ସବଳ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା :**

(1) ସାପ୍ତାହିକ ବଦରରେ ଉକ୍ତ ବିଜ୍ଞାପନର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୂର୍ ହସ୍ପିଟାଲ୍‌ର ମେଡ଼ିକାଲ୍ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟ୍‌ର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ (ପ୍ରମାଣପତ୍ର) ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସଂପର୍କରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ସୂଚିତ (ଜଣାଇ) ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ମିଳିଲା ନାହିଁ । ପୁନଶ୍ଚ ଅବିଶ୍ୱାସକାରୀ ଜଣକ ହ. ଅବୁ ବକ୍କର ର.ଅଙ୍କ ସଂକ୍ରାନ୍ତରେ ମଧ୍ୟ ଏହିପରି ଡାକ ମାରିଲା । ସେତେବେଳେ ମଧ୍ୟ ମୁସଲମାନମାନଙ୍କ ପକ୍ଷରୁ ନୀରବତା ଅବଲମ୍ବନ କରାଗଲା । ସେହିପରି ସେହି ଅବିଶ୍ୱସାକାରୀ ବ୍ୟକ୍ତି ଜଣକ ହ. ଉମର୍ ର.ଅଙ୍କ ସଂପର୍କରେ ଡାକ ମାରିଲା ଯେ, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଉମର୍ ଜୀବିତ ଅଛନ୍ତି କି ? ଅତଏବ୍ ହ. ଉମର୍ ର.ଅ ଆଉ ସହ୍ୟ କରି ରହି ପାରିଲେ ନାହିଁ । ଆପଣ ର.ଅ କହିଲେ, ହେ ହତଭାଗ୍ୟ ଏବଂ ମୂର୍ଖ ! ଏ କ'ଣ କହୁଛୁ? ଆମେ ସମସ୍ତେ ଜୀବିତ ଅଛୁ । ଅତଏବ୍ ଏପରି ତିକ୍ତତା ଦେଖିବା ମଧ୍ୟ ଜରୁରୀ ହୋଇଥାଏ । କିନ୍ତୁ ତାହାର ପରିଣାମ ଏହା ହୋଇଥାଏ ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ବର୍ତ୍ତମାନ ଏହାପରେ ଅବିଶ୍ୱାସକାରୀମାନେ ଆମମାନଙ୍କ ଉପରେ ଚଢଉ କରି ପାରିବେ ନାହିଁ । ଉକ୍ତ କଥା ଆପଣ ସ.ଅ ସମ୍ଭବତଃ ଖନ୍ଦକ୍ ଯୁଦ୍ଧ ପରେ କହିଥିଲେ । ଅର୍ଥାତ୍ ଅବିଶ୍ୱାସକାରୀମାନେ ଆମମାନଙ୍କ ଉପରେ ଚଢଉ କରି ପାରିବେ ନାହିଁ । ବରଂ ଆମେମାନେ ଅବିଶ୍ୱକାରୀମାନଙ୍କ ଉପରେ ଚଢଉ କରିବୁ। ମକ୍କାରୁ ବାହାରିବା ସମୟରେ ଆପଣ ସୟଅଙ୍କ ଉପରେ କିପରିକା କଷ୍ଟ ସମୟ ଥିଲା ?"

**(ମଲଫୁଜାତ୍, ଭାଗ-9, ପୃ-266-267, ସଂସ୍କରଣ ବର୍ଷ, 2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ହନ୍‌ଜଲା ର.ଅଙ୍କ ଶାହାଦତ୍‌ର ଘଟଣା ରହିଛି । ଏଥି ସଂକ୍ରାନ୍ତରେ ବର୍ଣ୍ଣନା ରହିଛି ଯେ, ଏହି ଯୁଦ୍ଧରେ ଆଉ ଜଣେ ପ୍ରାଣୋତ୍ସର୍ଗୀ ସାହାବିଙ୍କ ସାହସିକତା ଏବଂ ନବୀ କରୀମ୍ ସ.ଅଙ୍କ ପ୍ରେମରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବାର ଘଟଣାର ଚର୍ଚ୍ଚା ମିଳେ । ସେହି ସାହାବିଙ୍କ ସଂପର୍କରେ ତାଙ୍କର ପତ୍ନି କୁହନ୍ତି: "ମୋର ସ୍ୱାମୀ ମହୋଦୟଙ୍କୁ ଯେତେବେଳେ ଏହା ଜଣା ପଡ଼ିଲା ଯେ, ନବୀ କରୀମ୍ ସ.ଅ ଯୁଦ୍ଧ ନିମନ୍ତେ ବାହାରି ଯାଇଛନ୍ତି ସେତେବେଳେ ଯେହେତୁ ମୋ ସ୍ୱାମୀ ମୋ ସହିତ ଶାରୀରୀକ ସଂପର୍କ ସ୍ଥାପନ କରିଥିଲେ ସେଇଥି ପାଇଁ ମୋ ସ୍ୱାମୀଙ୍କ ଉପରେ ସ୍ନାନ କରିବା ଅନିର୍ବାର୍ଯ୍ୟ ଥିଲା । କିନ୍ତୁ ନବୀ କରୀମ୍ ସ.ଅଙ୍କ ପ୍ରାଣ ଚାଲିଯାଇଥିବାର ଖବର ଶୁଣି ମୋ ସ୍ୱାମୀ ଏତେ ଅଧୀର ଓ ବିଚଳିତ ହୋଇ ଘରୁ ବାହାରି ଯେ, ସେ ସ୍ନାନ କରିବା ମଧ୍ୟ ଜରୁରୀ ବୋଲି ମନେକଲେ ନାହିଁ ଏବଂ ଖଡ଼୍‌ଗ ଧରି ଯୁଦ୍ଧ ଭୂମି ଆଡ଼କୁ ବାହାରି ପଡ଼ିଲେ । ଯୁଦ୍ଧ ସମୟରେ ସେ ଅବିଶ୍ୱାସକାରୀଙ୍କ ସେନାପତି ଅବୁ ସୁଫିୟାନ ସମ୍ମୁଖରେ ପହଞ୍ଚିଗଲେ । ଅବୁ ସୁଫିୟାନ୍ ଅଶ୍ୱ ଉପରେ ବସିଥିଲା । ହ. ହନ୍‌ଜଲା ର.ଅ ତା' (ଅବୁ ସୁଫିୟାନର) ଅଶ୍ୱ ଉପରେ ପ୍ରହାର କରି ତା'କୁ (ଅଶ୍ୱକୁ) ଆହତ କରିଦେଲେ । ଯଦ୍ଦ୍ୱାରାକି ଅଶ୍ୱ ଅବୁ ସୁଫିୟାନ୍‌କୁ ତଳେ ପକାଇଦେଲା । ଅବୁ ସୁଫିୟାନ୍ ତଳେ ପଡ଼ିବା ମାତ୍ରେ ଚିତ୍କାର କରିବାକୁ ଲାଗିଲା । ସେପଟେ ହ. ହନ୍‌ଜଲା ର.ଅ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଅବୁ ସୁଫିୟାନ୍‌କୁ ଜେବହ୍ କରିବାକୁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ସେହି ସମୟରେ ଶଦାଦ୍ ବିନ୍ ୱୋସ୍‌ର ଦୃଷ୍ଟି ହ. ହନ୍‌ଜଲା ଉପରେ ପଡ଼ିଲା । ଏକ କଥନ ଅନୁଯାୟୀ ଶଦାଦ୍‌ର ସଠିକ୍ ନାମ ହେଲା ଶଦାଦ୍ ବିନ୍ ଅସୱଦ୍ । ଶଦାଦ୍ ଯେତେବେଳେ ହ. ହନ୍‌ଜଲାଙ୍କୁ ଅବୁ ସୁଫିୟାନ ଉପରେ ଆକ୍ରମଣ କରୁଥିବାର ଦେଖିଲା ସେତେବେଳେ ସେ ହ. ହନ୍‌ଜଲା ର.ଅଙ୍କ ଉପରେ ପ୍ରହାର କରି ହ. ହନ୍‌ଜଲା ର.ଅଙ୍କୁ ଶହୀଦ୍ କରିଦେଲା। ଆଁହଜରତ ସ.ଅ ହ. ହନ୍‌ଜଲା ର.ଅଙ୍କ ଶହାଦତ୍ ସଂପର୍କରେ କହିଲେ, ହେ ସାହାବାମାନେ ତୁମମାନଙ୍କର ସାଥି ହନ୍‌ଜଲାଙ୍କୁ ଦେବଦୂତମାନେ ସ୍ନାନ କରାଉଛନ୍ତି । ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ, ମୁଁ ଦେବଦୂତମାନଙ୍କୁ ଅବଲୋକନ କରୁଛି ଯେ, ସେମାନେ ଆକାଶ ଏବଂ ଭୂମି ମଧ୍ୟରେ ରୂପା ପାତ୍ରରେ ପରିଷ୍କାର ତଥା ନିର୍ମଳ ଜଳ ଧରି ହନ୍‌ଜଲାଙ୍କୁ ସ୍ନାନ କରାଉଛନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ହନ୍‌ଜଲା ର.ଅଙ୍କ ପତ୍ନୀଙ୍କ ନାମ ଜମିଲା ଥିଲା । ସେ କପଟବିଶ୍ୱାସୀଙ୍କ ଅଧିପତି ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲଲ୍‌ର କନ୍ୟା ଓ ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର ଭଉଣୀ ଥିଲେ। ହ. ଜମିଲା ର.ଅ କହିଲେ, ଅର୍ଥାତ୍ ହ. ହନ୍‌ଜଲା ର.ଅ ଜନାବତ୍ ଅର୍ଥାତ୍ ପତ୍ନିଙ୍କ ସହିତ ଶାରୀରୀକ ସଂପର୍କ ରଖି ସ୍ନାନ ନକରିବା ଅବସ୍ଥାରେ ହିଁ ଯୁଦ୍ଧ ଭୂମିକୁ ଚାଲି ଆସିଥିଲେ । ଅର୍ଥାତ୍ ତାଙ୍କୁ ସ୍ନାନ କରିବାର ଆବଶ୍ୟକତା ଥିଲା । ଆଁହଜରତ୍ ସ.ଅ ହ. ଜମିଲା ର.ଅଙ୍କ ସ୍ୱର ଶୁଣି କହିଲେ, ହେ ଜମିଲା ! ଯେହେତୁ ହନ୍‌ଜଲା ସ୍ନାନ କରିପାରି ନାହାନ୍ତି, ସେଇଥିପାଇଁ ଦେବଦୂତମାନେ **(ଅବଶିଷ୍ଟାଂଶ.....ପୃ-12ରେ)**

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 09 October 2025 Issue No. 41

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ହନ୍‌ଜଲାଙ୍କୁ ସ୍ନାନ କରାଉଛନ୍ତି । ହ. ହନ୍‌ଜଲା ର.ଅଙ୍କ ହ. ଜମିଲା ର.ଅଙ୍କ ସହିତ ବିବାହର ପ୍ରଥମ ରାତି ଥିଲା ଯେଉଁ ଦିନ ସକାଳେ ଓହୋଦ୍ ଯୁଦ୍ଧ ହୋଇଥିଲା । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜମିଲା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହନ୍‌ଜଲା ଶତ୍ରୁ ବିପକ୍ଷରେ ମୁକାବିଲା କରିବା ନିମନ୍ତେ ବାହାରିବାର ଘୋଷଣା ଶୁଣିଲେ ସେତେବେଳେ ସେ ତୁରନ୍ତ ସ୍ନାନ ନକରି ଯୁଦ୍ଧ କ୍ଷେତ୍ରକୁ ବାହାରି ପଡ଼ିଲେ । ସେହି ରାତିରେ ହ. ଜମିଲା ର.ଅ ସ୍ୱପ୍ନରେ ଦେଖିଲେ ଯେ, ହଠାତ୍ ଆକାଶାରେ ଏକ ଦ୍ୱାରା ଉନ୍ମୁକ୍ତ (ଖୋଲିଛି) ହୋଇଛି ଏବଂ ତାଙ୍କର ସ୍ୱାମୀ ହ. ହନ୍‌ଜଲା ସେହି ଦ୍ୱାରରେ ପ୍ରବେଶ କରିଛନ୍ତି । ତତ୍ପରେ ସେହି ଦ୍ୱାର ବନ୍ଦ ହୋଇଗଲା । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜମିଲା ର.ଅ ନିଜ ଜାତିର 4 ଜଣ ମହିଳାଙ୍କୁ ଉକ୍ତ କଥାର ସାକ୍ଷୀ କରିଥିଲେ ଯେ, ହନ୍‌ଜଲା ମୋ ସହିତ ଶାରୀରିକ ସଂପର୍କ ସ୍ଥାପନ କରି ସାରିଛନ୍ତି । ହ. ଜମିଲା ର.ଅଙ୍କୁ ଏହା ଏଇଥି ପାଇଁ କରିବାକୁ ପଡ଼ିଲା ଯେ, ତାଙ୍କର ଗର୍ଭ ପ୍ରସଙ୍ଗରେ ଲୋକମାନଙ୍କ ମନରେ ସନ୍ଦେହ ଜାତ ନହେଉ। ଲୋକମାନଙ୍କ ମନରେ ନାନା ସନ୍ଦେହ ସୃଷ୍ଟି ହୋଇଥାଏ ଏବଂ ଲୋକମାନେ ସନ୍ଦେହ ପ୍ରକାଶ କରି ଥାଆନ୍ତି ଓ ନାନା କଥା ଗଢନ୍ତି । ଆଜିକାଲି ମଧ୍ୟ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କ ଉପରେ ଦୋଷାରୋପଣ କରି ଥାଆନ୍ତି । ସେ ଯାହା ହେଉ ନା କାହିଁକି ହ. ଜମିଲା ର.ଅ ସ୍ୱୟଂ ଉକ୍ତ ସନ୍ଦେହକୁ ଦୂରୀଭୂତ କରିବା ନିମନ୍ତେ 4 ଜଣ ମହିଳାମାନଙ୍କୁ ସାକ୍ଷୀ କରି ନେଇଥିଲେ ।

ହ. ଜମିଲା ସ୍ୱୟଂ କୁହନ୍ତି ଯେ, ସେ ଏହା ଏଇଥି ପାଇଁ କଲେ ଯେ, ମୁଁ ସ୍ୱପ୍ନରେ ଦେଖିଥିଲି ଯେ, ଆକାଶରେ ଏକ ଦ୍ୱାରା ଉନ୍ମୁକ୍ତ ହୋଇଛି ଯହିଁରେ ସେ ଅର୍ଥାତ୍ ତାଙ୍କର ସ୍ୱାମୀ ହ. ହନ୍‌ଜଲା ପ୍ରବେଶ କରିଛନ୍ତି ଏବଂ ଦ୍ୱାର ବନ୍ଦ ହୋଇଯାଇଛି । ସୁତରାଂ (ତେଣୁ) ମୁଁ ବୁଝିନେଲି ଯେ, ହନ୍‌ଜଲାଙ୍କ ଶେଷ ସମୟ ଆସି ଯାଇଛି ଏବଂ ମୁଁ ତାଙ୍କ (ହନ୍‌ଜଲାଙ୍କ) ଦ୍ୱାରା ସେହି ରାତିରେ ଗର୍ଭବତୀ ହୋଇଯାଇଥିଲି । ଅତଏବ୍ ହ. ହନ୍‌ଜଲା ର.ଅଙ୍କ ଔରସରୁ (ସେହି ଗର୍ଭଧାରଣ କରିବା ଦ୍ୱାରା) ପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ହନ୍‌ଜଲା ଜନ୍ମ ଗ୍ରହଣ କଲେ । କୁରେଶ୍‌ମାନେ ହ. ହନ୍‌ଜଲା ର.ଅଙ୍କୁ ଶହୀଦ୍ କରିବା ପରେ ତାଙ୍କର ଶବକୁ ବିକୃତ କରି ନଥିଲେ । ଅର୍ଥାତ୍ ନାକ, କାନ ଆଦିକୁ ବିପରୀତ ପାର୍ଶ୍ୱରୁ କାଟି ନଥିଲେ । କାରଣ ତାଙ୍କର **(ଅବଶିଷ୍ଟାଂଶ.................ପୃ-2ରେ)**

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଚନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିଆଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିଆଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ଓ୍ୱାରୁଲ୍ ଉଲୁମ୍‌ର ସାମଗ୍ରିକ ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍‌ଓ୍ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିଆଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିଆଲ୍ Whatsappp ଚ୍ୟାନେଲ୍

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ଓ୍ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ତଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيۡسَ اللّٰہُ بِکَافٍ عَبۡدَہٗ

(ଅଙ୍କ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan, Jamat Ahmadiya Pankal, Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan